ବର୍ଷ-୨୫, ସଂଖ୍ୟା-୧୭୨
ଭୁବନେଶ୍ୱର
୨୭, ଜୁନ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 172
Bhubaneswar
27, June, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ମହାପ୍ରଭୁଙ୍କ ଅପେକ୍ଷାରେ....

# ଆଜି ବିଶ୍ୱପ୍ରସିଦ୍ଧ ରଥଯାତ୍ରା

ପୁରୀ, ୨୬।୬ (ମହାଭାରତ): ରାତି ପାହିଲେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ରଥଖଳାରେ ରଥ ପ୍ରସ୍ତୁତ ହୋଇ କନା ମଣ୍ଡଣି ପରେ ତିନିରଥ ଦକ୍ଷିଣମୋଡ ହୋଇ ସିଂହଦ୍ୱାର ଦ୍ୱାରରେ ଲାଗିଛି। ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ତିନିରଥ ଚତୁର୍ଦ୍ଧାମୂର୍ତ୍ତି । ଏବେ ଅପେକ୍ଷା ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ମିଳନକୁ। ରାତି ପାହିଲେ ରତ୍ନ ସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଆସିବେ। ଠାକୁର ରଥାରୁଢ଼ ହେବା ପରେ ସାଙ୍ଗରେ ଭାଇ ଭଉଣୀଙ୍କୁ ଧରି ଶ୍ରୀଗୁଣ୍ଡିଚ୍ଚ ମନ୍ଦିର ଅଭିମୁଖେ ଯାତ୍ରା

## ରଥ-ଭକ୍ତ-ପଥ ପ୍ରସ୍ତୁତ

## ଅପରାହ୍ନ ୪ଟାରେ ରଥଟଣା

ଟଣା ଆରମ୍ଭ ହୋଇଥିଲା। ତିନିରଥ ଏବେ ମହାପ୍ରଭୁଙ୍କ ଅପେକ୍ଷାରେ। ରଥ, ପଥ, ଭକ୍ତ, ସାରଥୀ ଏବେ ମହାପ୍ରଭୁଙ୍କ ଅପେକ୍ଷାରେ। ରଥଖଳାରୁ ପ୍ରଥମେ ନନ୍ଦିଘୋଷ ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ପୋଲିସ ଟାଣି ଟାଣି ନେଇ ସିଂହଦ୍ୱାରରେ ଲଗାଇଥିଲେ । ଏହା ପୂର୍ବରୁ ଆଜି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ନବଯୌବନ ଦର୍ଶନ କରିଥିଲେ ଅଗଣିତ ଭକ୍ତ। ୧୫ ଦିନ ଅନବସରରେ ରହିବା ପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି କରିବେ କାଳିଆ ଠାକୁର।

ଶ୍ରୀକ୍ଷେତ୍ର ଲୋକାରଣ୍ୟ ହେବାରେ ଲାଗିଛି । ବଡଦାଣ୍ଡରେ ଗହଳି ବଢ଼ିବାରେ ଲାଗିଛି। ରଥଯାତ୍ରା ପୂର୍ବ ଦିନ ଅର୍ଥାତ ଆଜି ପୁରୀ ସହରକୁ ଲକ୍ଷଲକ୍ଷ ଭକ୍ତମାନଙ୍କର ଆଗମନ ହୋଇସାରିଛି। ଶ୍ରୀକ୍ଷେତ୍ରକୁ ବାହାରୁ ଲକ୍ଷ ଲକ୍ଷ ଭକ୍ତ ପହଞ୍ଚି ସାରିଛନ୍ତି। ରାଜ୍ୟର ଚାରିଆଡୁ ଶ୍ରଦ୍ଧାଳୁ ପୁରୀ ମୁହାଁ ହୋଇଛନ୍ତି। ରଥାରୁଢ଼ କାଳିଆ ସାଆନ୍ତଙ୍କ ଦର୍ଶନ ପାଇଁ ଦେଶ-ବିଦେଶରୁ ଭକ୍ତ ଆସି ପୁରୀ ପହଞ୍ଚୁଛନ୍ତି।



ଚଳିତ ବର୍ଷ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଛି। ସବୁଠାରୁ ବଡ କଥା ହେଲା ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ ପରିଚାଳନା।

ଏନେଇ ପହଣ୍ଡିରୁ ରଥ ଟାଣିବା ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି। ସକାଳ ୬ଟାରେ ମଙ୍ଗଳା ଆଳତି, ସକାଳ ୬.୧୦ ରେ ମଇଲମ, ସକାଳ ୬.୩୦ ରେ ତଡପଲାଗି, ସକାଳ ୬.୩୦ରେ ରୋଷ ହୋମ, ସକାଳ ୭ଟାରେ ଅବକାଶ, ସକାଳ ୭.୧୦ ରେ ସୂର୍ଯ୍ୟ ପୂଜା, ସକାଳ ୭.୩୦ ରେ ଦ୍ୱାରପାଳ ପୂଜା,ୟ ସକାଳ ୭.୩୦ ସୁଦ୍ଧା ବେଶ ଶେଷ, ଗୋପାଳ ବଲ୍ଲଭ ଏବଂ ସକାଳ ଧୂପା (ଖେଚୁଡି ଭୋଗ) ସକାଳ ୮ ରୁ ୯, ସକାଳ ୯ଟାରେ ରଥ ପ୍ରତିଷ୍ଠା, ସକାଳ ୯.୧୫ ରେ ମଙ୍ଗଳାର୍ପଣ, ସକାଳ ୯.୩୦ରୁ ଆରମ୍ଭ ହେବ ପହଣ୍ଡି, ଦିନ ୧୨.୩୦ ସୁଦ୍ଧା ଶେଷ ହେବ ପହଣ୍ଡି, ଦିନ ୧୨.୩୦ ରୁ ୧ଟା ମଧ୍ୟରେ ଶ୍ରୀ ଶ୍ରୀ ମଦନ ମୋହନ, ଶ୍ରୀ ଶ୍ରୀ ରାମ ଏବଂ ଶ୍ରୀ ଶ୍ରୀ କୃଷ୍ଣ ବିଜେ, ଦିନ ୧.୩୦ ରୁ ୨ଟା ପର୍ଯ୍ୟନ୍ତ ଚିତା ଲାଗି, ଅପରାହ୍ନ ୧.୩୦ ରୁ ୨.୩୦ ବେଶ ଶେଷ, ଅପରାହ୍ଣ ୨.୩୦ ରୁ ୩.୩୦ ଗଜପତି ରାଜାଙ୍କ ଦ୍ୱାରା ଛେରା ପହଁରା, ଅପରାହ୍ନ ୪ଟା ଚାରମାଳ ଫିଟା, ଘୋଡା ଏବଂ ସାରଥୀ ଲାଗିବେ ଓ ଅପରାହ୍ନ ୪ଟାରେ ଆରମ୍ଭ ରଥଟଣା ଆରମ୍ଭ ହେବ।

ରଥଟଣା ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ. ଅରବିନ୍ଦ ପାଢୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ, ବରିଷ୍ଠ ଅଧିକାରୀଗଣ, ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀଗଣ, ରଥ ନିର୍ମାଣକାରୀ ସେବକ ଉପସ୍ଥିତ ଥିଲେ।

### ସୁରକ୍ଷା କଡ଼ାକଡ଼ି

ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି, ଚଳିତବର୍ଷ ପୁଲିସ ବ୍ୟବସ୍ଥାକୁ ୮ଟି ଭାଗରେ ବିଭକ୍ତ କରାଯାଇଛି। ଟ୍ରାଫିକ୍ ବ୍ୟବସ୍ଥା, ଶ୍ରୀମନ୍ଦିର ଭିତର ସୁରକ୍ଷା, କର୍ଡନ ଭିତର ସୁରକ୍ଷା, କର୍ଡନ ବାହାର ସୁରକ୍ଷା, ଗହଳି ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, କୋଷ୍ଟାଲ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରଥମ ଥର ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସିଷ୍ଟମ୍ କରାଯାଇଛି। ଏହି ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍‌ରେ ରହି ୨୭୫ଟି ଏଆଇ କ୍ୟାମେରା ମାଧ୍ୟମରେ ଉତ୍ତରା ଛକରୁ ପୁରୀ ସହର, ପୁରୀରୁ କୋଣାର୍କ ଓ ପୁରୀ ସହରାଞ୍ଚଳର କେ ?ଣସିଠାରେ ଟ୍ରାଫିକ୍ ଜାମ୍ ସମସ୍ୟାର ମୁକାବିଲା ପାଇଁ ନିଷ୍ପତ୍ତି ନେଇହେବ। ସେହିପରି ଆଣ୍ଟି ଡ୍ରୋନ୍ ସିଷ୍ଟମ୍, ବହୁ ସଂଖ୍ୟାରେ ଆଣ୍ଟି ସାବୋଟାଜ୍ ଟିମ୍, ଡଗ୍ ସ୍କ୍ୱାଡ୍ ମୁତୟନ ରହିଛି। ସେହିପରି ଚଳିତବର୍ଷ ୨୧ ଆଇପିଏସ୍ ?, ୧୨ଶହ ଅଫିସରଙ୍କ ସହିତ ୨୦୫ ପ୍ଲାଟୁନ୍ ପୁଲିସ ଫୋର୍ସର ବ୍ୟବସ୍ଥା କରାଯାଇଛି। ଜଳପଥ ତଟ ସୁରକ୍ଷା ପାଇଁ ମେରାଇନ୍ ପୁଲିସ ଟିମ୍, କୋଷ୍ଟଗାର୍ଡ, ନୌବାହିନୀ (ନାଭାଲ୍)ର ପାଟ୍ରୋଲିଂ ରହିବ। କୋଷ୍ଟଗାର୍ଡର ଆଉ ଏକ ଟିମ୍ ଆକାଶମାର୍ଗରୁ ସମୁଦ୍ରକୂଳକୁ ତୀକ୍ଷ୍ଣ ନଜର ରଖିବେ। ଟ୍ରାଫିକ୍ ବ୍ୟବସ୍ଥାର ସୁବନ୍ଦୋବସ୍ତ କରିବା ପାଇଁ ଏକ ନୂଆ ଆପ୍ ଖୋଲାଯିବ। ଏହି ଆପ୍ ମାଧ୍ୟମରେ ଲୋକମାନେ ଯା'ଆସ କରିବାକୁ ଅନୁରୋଧ କରାଯାଇଛି।

# ଅହଙ୍କାର ମାନସିକତାରୁ ବାହାରିପାରିନି କଂଗ୍ରେସ : ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୬।୬ (ମହାଭାରତ):** ଏମର୍ଜେନ୍ସିର ଗୋଟିଏ ମୂଳ କାରଣ ଥିଲା - ଇନ୍ଦିରା ଗାନ୍ଧୀଙ୍କ ପରିବାର ପ୍ରତି ମୋହ । ମୁଁ ଓ ମୋର ପୁତ୍ର ସଞ୍ଜୟ ଗାନ୍ଧୀ ଏବଂ ପରିବାର ଦେଶକୁ ଚଲାଇବାର ମାନସିକତା । ଆଜି ମଧ୍ୟ କଂଗ୍ରେସ ପାଖରେ ସେହି ସାମନ୍ତବାଦୀ, ଏକଛତ୍ରବାଦୀ ଓ ଅହଙ୍କାର ମାନସିକତା ରହିଛି ବୋଲି ଆଜି ଭୁବନେଶ୍ୱର ଠାରେ ବିଜେପି ପକ୍ଷରୁ "କଂଗ୍ରେସ ଦ୍ୱାରା ଗଣତନ୍ତ୍ରକୁ କୁଠାରଘାତ ଇତିହାସର ୫୦ ବର୍ଷର କାହାଣୀ" ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସେମିନାରରେ ଶ୍ରୀ ପ୍ରଧାନ କହିଛନ୍ତି, ୧୯୭୫ ଜୁନ୍ ୨୫ ତାରିଖରେ 'ଜରୁରୀକାଳୀନ ପରିସ୍ଥିତି' ଭାରତୀୟ ଗଣତନ୍ତ୍ର ଉପରେ କଂଗ୍ରେସ ଦ୍ୱାରା ଲଗାଯାଇଥିବା ଏକ କଳା ଫର୍ଦ୍ଦ, ଯାହାକୁ ଦେଶ କେବେ ଭୁଲିପାରିବ ନାହିଁ। ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ସେହି ଅନ୍ଧାର ସମୟରେ ଲକ୍ଷ ଲକ୍ଷ ଦେଶପ୍ରେମୀ ଯେଉଁ ଯନ୍ତ୍ରଣା ଏବଂ ନିର୍ଯାତନା ସହିଥିଲେ ତାହା ଇତିହାସର ଏକ ଅଲିଭା ଅଧ୍ୟାୟ । "ଏମର୍ଜେନ୍ସି" ଲାଗୁ ହେଲା ପରେ ସାଧାରଣ ଭାରତୀୟ ନାଗରିକର ବାକ୍ ସ୍ୱାଧୀନତାକୁ ଦମନ କରାଯିବା ସହ ଚତୁର୍ଥ ସ୍ତମ୍ଭ ସ୍ୱାଧୀନତା ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଥିଲା । ସାଧାରଣ ଭାରତୀୟ ନାଗରିକଙ୍କୁ ବାଧ୍ୟତାମୂଳକ ଭାବରେ ବନ୍ଧ୍ୟାକରଣ କରିବା ସହ ବାକ୍ ସ୍ୱାଧୀନତା ଛଡେଇ ନିଆଯାଇଥିଲା । ସମସ୍ତ ବିରୋଧୀ ନେତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଇ ଜେଲରେ ପୁରାଇ ନିର୍ଯ୍ୟାତନା ଦିଆଯାଇଥିଲା । ଓଡ଼ିଶା ମାଟିର ଶୀର୍ଷ ନେତା ଡ. ହରେକୃଷ୍ଣ ମହତାବ, ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, ସାମ୍ବାଦିକ ରାଧାନାଥ ରଥ ତଥା ବିଶ୍ୱଭୂଷଣ ହରିଚନ୍ଦନ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ, ଅସହିଷ୍ଣୁ ତଥା ଆକ୍ରୋଶମୂଳକ ପଦକ୍ଷେପର ଶିକାର ହୋଇଥିଲେ । କିଶୋର କୁମାରଙ୍କ ଭଳି ଗୀତକୁ ଅଲ୍ ଇଣ୍ଡିଆ ରେଡିଓରେ ପ୍ରସାରଣ କରିବା ପାଇଁ ବିରୋଧ ହୋଇଥିଲା । ସେତେବେଳେ ଏତେ ଅସହିଷ୍ଣୁ ଥିଲା ପରିବାର ସର୍ବୋପରି । ସାମନ୍ତବାଦୀ ମାନସିକତା । ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଯୋଗୁଁ ଏହା ଭାରତୀୟ ଗଣତନ୍ତ୍ରରେ ଚିର ଦିନ ପାଇଁ କଳାଦାଗ ହୋଇ ରହିଛି । 'ଜରୁରୀକାଳୀନ'ର ୫୦ ବର୍ଷ ପୂରଣ ଅବସରରେ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସଂଘର୍ଷ ଏବଂ ବଳିଦାନ ଦେଇଥିବା ମହାପୁରୁଷଙ୍କୁ ଆଜିର ଦିନରେ ମୋର ପ୍ରଣାମ ଜଣାଉଛି । ଶ୍ରୀ ପ୍ରଧାନ କହିଛନ୍ତି, ଆଜି କଂଗ୍ରେସର ଚେହେରା ବଦଳିଯାଇଛି । କିନ୍ତୁ ସ୍ୱେଚ୍ଛାଚାରି ମାନସିକତାରେ କୌଣସି ପରିବର୍ତ୍ତନ ଆସିନାହିଁ । ନିର୍ବାଚନରେ ପରାଜୟ ହେଲେ କଂଗ୍ରେସ ଦେଶର ନିର୍ବାଚନ ବ୍ୟବସ୍ଥାକୁ ବିରୋଧ କରୁଛି । ୨୦୦୪ରେ କଂଗ୍ରେସ ସରକାର ଥିଲା । ୨୦୧୩ରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବା ସମୟରେ କଂଗ୍ରେସ ସରକାର ଦ୍ୱାରା ହୋଇଥିବା କ୍ୟାବିନେଟ୍ ନିଷ୍ପତ୍ତିକୁ ନନସେନ୍ସ କହି ଚିରିଥିବା ଲୋକ ହେଉଛନ୍ତି କଂଗ୍ରେସ ବା ରାହୁଲ ଗାନ୍ଧୀ ।

## ଅସାମୟିକ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର, ୨୬।୬ (ମହାଭାରତ): ରଥଯାତ୍ରା ପୂର୍ବରୁ ରାଜ୍ୟର ସାମୟିକ କର୍ମଚାରୀ ମାନଙ୍କ ପାଇଁ ଖୁସି ଖବର। ପୂର୍ବରୁ ସାମୟିକ କର୍ମଚାରୀ ମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଳେ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ଅନ୍ତର ହେଲେ ସେମାନଙ୍କୁ ଏକକାଳୀନ ୨.୫ ଲକ୍ଷ ଟଙ୍କା ମିଳିବ। ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବୀକୁ ଯାଇଥିବେ କିନ୍ତୁ ୫ ବର୍ଷ ପୂରଣ କରିନଥିବେ ତେବେ ସେ କ୍ଷେତ୍ରରେ ସେମାନଙ୍କୁ ମଧ୍ୟ ୨.୫ ଲକ୍ଷ ଟଙ୍କା ଏକକାଳୀନ ରାଶି ମିଳିବ। ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ, କାର୍ଯ୍ୟ ନିବୃତ୍ତି ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ।

# ଗୋପାଳପୁର ବନ୍ଦର ଉନ୍ନତିକରଣ ଓ ଜଟାଧାର ମୁହାଣରେ କ୍ୟାପ୍ଟିଭ୍ ଜେଟି ନିର୍ମାଣ ପାଇଁ ଏମ୍‌ଓୟୁ

**ଭୁବନେଶ୍ୱର, ୨୬।୬ (ମହାଭାରତ):** ରାଜ୍ୟରେ ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ଓଡିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପାଳପୁର ବନ୍ଦର ଉନ୍ନତିକରଣ ଏବଂ ଜଟାଧାର ମୁହାଣରେ କ୍ୟାପ୍ଟିଭ୍ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷର ଅବସରରେ କହିଛନ୍ତି । ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ଜଟାଧାର ମୁହାଣଠାରେ ଏକ କ୍ୟାପ୍ଟିଭ୍ ଜେଟି ନିର୍ମାଣ ପାଇଁ ଜେ.ଏସ୍.ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୫୨ ମିଲିଅନ ମେଟ୍ରିକ ଟନ୍



ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ନିମନ୍ତେ ପ୍ରାରମ୍ଭିକ ସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ।

ଲୋକସେବା ଭବନଠାରେ ଅୟୋଜିତ ଏହି ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ, ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ବିଭିନ୍ନ ଘରୋଇ କମ୍ପାନୀ ସହିତ ସହଭାଗୀତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଇଞ୍ଚୁଡି ଓ ବାହୁଡାଠାରେ ଦୁଇଟି ନୂଆ। ବନ୍ଦର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଥିବା ବେଳେ ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି।







# ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

# ବ୍ରେକ୍‌ଅପ ପରେ ଅର୍ଜୁନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମଲାଇକା







ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା ଏବଂ ଅଭିନେତା ଅର୍ଜୁନ କପୁର ସେମାନଙ୍କ ବ୍ରେକଅପକୁ ନେଇ ଦୀର୍ଘ ଦିନ ଧରି ଚର୍ଚ୍ଚାରେ ଅଛନ୍ତି। କିନ୍ତୁ ବର୍ତ୍ତମାନ ଲାଗୁଛି ଯେ ମଲାଇକା ଏବଂ ଅର୍ଜୁନ ପୁଣି ଥରେ ସମ୍ପର୍କ ଯୋଡିଛନ୍ତି। ମଲାଇକାଙ୍କ ଏକ ପୋଷ୍ଟ ପରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି। ଆଜି ବଲିଉଡ ଅଭିନେତା ଅର୍ଜୁନ କପୁରଙ୍କ ଜନ୍ମଦିନ। ସେ ଆଜି ୪୦ବର୍ଷ ବୟସରେ ପାଦ ଦେଇଛନ୍ତି। ଏହି ଅବସରରେ ମଲାଇକା, ଅର୍ଜୁନଙ୍କ ଜନ୍ମଦିନରେ ଏକ ପୋଷ୍ଟ ସେୟାର କରି ତାଙ୍କୁ ଶୁଭେଚ୍ଛା। ଜଣାଇଛନ୍ତି।ମଲାଇକା ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ପୋଷ୍ଟ ସେୟାର କରିଛନ୍ତି, ଯେଉଁଥିରେ ସେ ଅର୍ଜୁନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ମଲାଇକା ଏକ ବୁମେରାଂ ସେୟାର କରିଛନ୍ତି ଯେଉଁଥିରେ ଅର୍ଜୁନ ଡେଉଁଥିବାର ଦେଖାଯାଉଛି। ବୁମେରାଂ ସେୟାର କରି ସେ ଲେଖିଛନ୍ତି - 'ଜନ୍ମଦିନର ଶୁଭେଚ୍ଛା ଅର୍ଜୁନ କପୁର।'ଗତ ବର୍ଷ, ମଲାଇକା ଅର୍ଜୁନଙ୍କ ଜନ୍ମଦିନରେ କୌଣସି ପୋଷ୍ଟ ସେୟାର କରିନଥିଲେ କିମ୍ବା ତାଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇନଥିଲେ। ଏହାର କିଛି ସମୟ ପରେ, ଅର୍ଜୁନ କପୁର ଏକ ସାକ୍ଷାତକାରରେ ନିଶ୍ଚିତ କରିଥିଲେ ଯେ ସେ ବ୍ରେକଅପ୍ କରିସାରିଛନ୍ତି ଏବଂ ଏକାକୀ ଅଛନ୍ତି।ଗତବର୍ଷ କେଣସି ପୋଷ୍ଟ କରିନଥିବା ମଲାଇକା ଏବର୍ଷ ତାଙ୍କୁ ଶୁଭେଚ୍ଛା ଜଣାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୁହେଁ ପ୍ୟାଚ୍‌ଅପ କରିସାରିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଘୋଷଯାତ୍ରା ପାଇଁ ନୀତି ନିର୍ଘଣ୍ଟ



ଆସିଲା ଆଜ୍ଞାମାଳ, ସିଂହଦ୍ୱାର ସମ୍ମୁଖରେ ଲାଗିଲା ତିନି ରଥ । ଘଣ୍ଟ, ମୃଦଙ୍ଗ, କାହାଳି ନାଦରେ କମ୍ପିଲା ବଡ଼ଦାଣ୍ଡ । ଆଜ୍ଞାମାଳ ବିଜେ ପରେ ତିନି ରଥକୁ ଟାଣି ଆଣିଲେ ସୁରକ୍ଷା ବାହିନୀ ଓ ପୁଲିସ । ପରମ୍ପରା ଅନୁସାରେ ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାର ଆଗରେ ଲାଗିଛି । ଏବେ ଚତୁର୍ଦ୍ଧା ବିଗ୍ରହଙ୍କୁ ଅପେକ୍ଷା । ନୀଳକନ୍ଦର ଛାଡ଼ି ବାହୁଡ଼ି ଆସିବେ ନୀଳମଣି । ଭକ୍ତଙ୍କୁ ଦେବେ ଦର୍ଶନ। ଚକା ଆଖି ସହ ଆଖି ମିଶାଇବାକୁ ବ୍ୟାକୁଳ ଶ୍ରଦ୍ଧାଳୁ । ରାତି ପାହିଲେ ଘୋଷଯାତ୍ରା । ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ଯିବେ ଶ୍ରୀଜିଉ। ସଭିଏଁ ହେବେ ଏକାକାର ।ଭକ୍ତଙ୍କ ଭିଡ଼ରେ ଉଛୁଳିବ ବଡ଼ଦାଣ୍ଡ । ତେଣୁ କଡ଼ା ସୁରକ୍ଷା ବଳୟରେ ରହିଛି ଶ୍ରୀକ୍ଷେତ୍ର । ସେହିପରି ଠାକୁରଙ୍କ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି । ସକାଳ ୬ଟାରେ ମଙ୍ଗଳା ଆଳତି । ସାଢ଼େ୬ଟାରେ ତଡ଼ପଲାଗି । ସକାଳ ୭ଟାରେ ଅବକାଶ । ୭ଟା ୩୦ ସୁଦ୍ଧା ବେଶ ଶେଷ। ୯ଟାରେ ରଥ ପ୍ରତିଷ୍ଠା । ସାଢେ ୯ରେ ପହଣ୍ଡି ଆରମ୍ଭ, ସାଢେ ୧୨ରେ ଶେଷ । ଦିନ ସାଢେ ୨ଟାରୁ ସାଢେ ୩ଟା ମଧରେ ଛେରା ପହଁରା । ଅପରାହ୍ନ ୪ଟାରେ ଆରମ୍ଭ ହେବ ରଥଟଣା ।

# ରଥଯାତ୍ରା ଦେଖିବାକୁ ଯାଇ ଅଧାରୁ ପଳାଇ ଆସିଲେ ଶୁଭ ନା ଅଶୁଭ

ଜଗନ୍ନାଥ ରଥଯାତ୍ରା ହିନ୍ଦୁ ଧର୍ମର ଏକ ବଡ଼ ଏବଂ ପବିତ୍ର ପର୍ବ, ଯାହା ପ୍ରତିବର୍ଷ ପୁରୀରେ ମହା ଆଡମ୍ବରରେ ପାଳନ କରାଯାଏ। ଏହା ବ୍ୟତୀତ, ଭାରତର ଅନେକ ରାଜ୍ୟର ସହରରେ ମଧ ଏହି ଯାତ୍ରା ହୋଇଥାଏ। କିନ୍ତୁ ପୁରୀରେ ଏହାର ବିଶେଷତ୍ୱ ଅଲଗା। ଏହି ସମୟରେ ପ୍ରଭୁ ଜଗନ୍ନାଥ ରଥରେ ବିଜେ କରି ନିଜର ମା' ପାଖକୁ ଅର୍ଥା୍ ଗୁଣ୍ଡିଚ ଘରକୁ ଯାଆନ୍ତି। ବିଶ୍ୱାସ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ସ୍ୱଚକ୍ଷୁରେ ରଥଯାତ୍ରା ଦେଖନ୍ତିନ୍ତି, ତେବେ ତାଙ୍କର ଖରାପ ଦିନ ଶୀଘ୍ର ଶେଷ ହେବା ଆରମ୍ଭ ହୁଏ ଏବଂ ତାଙ୍କ ପାଇଁ ମୋକ୍ଷର ଦ୍ୱାର ଖୋଲିଯାଏ।ଏହି ରଥଯାତ୍ରା ୧୦ଦିନ ପର୍ଯ୍ୟନ୍ତ ଚାଲିଥାଏ। ଏପରି ପରିସ୍ଥିତିରେ, ଯଦି କୌଣସି କାରଣରୁ ଆପଣ ରତଯାତ୍ରା ଅଧାରୁ ପଳାଇ ଆସନ୍ତି ତାହା ଶୁଭ ନା ଅଶୁଭ ଆସନ୍ତୁ ଜାଣିବା ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ୨୭ ଜୁନରୁ ଆରମ୍ଭ



ହେଉଛି। ଏହି ସମୟ ମଧରେ ବଳଭଦ୍ର, ସୁଭଦ୍ରା ଏବଂ ପ୍ରଭୁ ଜଗନ୍ନାଥ ଗୁଣ୍ଡିଚ ମନ୍ଦିରକୁ ଯିବେ। ତା'ପରେ ୫ ଜୁଲାଇରେ, ବାହୁଡା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରି ଆସିବେ।ଧାର୍ମିକ ବିଶ୍ୱାସ ଅନୁସାରେ, ଯଦି ଆପଣ ଜଗନ୍ନାଥ ରଥଯାତ୍ରାକୁ ଯାଉଛନ୍ତି ଏବଂ କୌଣସି କାରଣ କିମ୍ବା ହଠାତ ବାଧବାଧକତା କିମ୍ବା ବିଶେଷ ପରିସ୍ଥିତି ଯୋଗୁଁ ଆପଣଙ୍କୁ ଯାତ୍ରାକୁ ଅପୂର୍ଣ୍ଣ ଛାଡିବାକୁ ପଡ଼େ, ତେବେ ଏଥିରେ କୌଣସି ପ୍ରକାରର ଦୋଷ ନାହିଁ। ପ୍ରଭୁ ଜଗନ୍ନାଥ ଭକ୍ତର ଭଗବାନ, ଯଦି ଆପଣ ସ୍ୱ ହୃଦୟରେ ଯାତ୍ରାରେ ଯୋଗ ଦେବାକୁ ଋହାଁନ୍ତି କିନ୍ତୁ କୌଣସି ବାଧବାଧକତା ଯୋଗୁଁ ଯାତ୍ରା କରିପାରିବେ ନାହିଁ, ତେବେ ଭଗବାନ ମଧ ଆପଣଙ୍କ ପରିସ୍ଥିତି ବୁଝିପାରନ୍ତି। ଯଦି ଆପଣ ଜଗତ୍ତାଥଙ୍କ ମୂର୍ତ୍ତି ଘରକୁ ଆଣୁଛନ୍ତି, ତେବେ ମନେରଖନ୍ତୁ ଯେ ଏହାକୁ ଏକ ଉପଯୁକ୍ତ ସ୍ଥାନରେ ରଖନ୍ତୁ। ମୂର୍ତ୍ତିକୁ କିଛି କୋଣରେ ନୁହେଁ, ଏକ ସୁରକ୍ଷିତ ସ୍ଥାନରେ ରଖିବା ସର୍ବଦା ଭଲ। ଆପଣ ଏହାକୁ ପୂଜା ଘରେ ରଖିପାରିବେ।

# ରାମାୟଣ : ସହଯୋଗୀଙ୍କୁ ଅଧିକାର ପ୍ରଦାନ

ସାଧାରଣତଃ ଦେଖାଯାଏ ଯେ କୌଣସି ସଂସ୍ଥାରେ ବସ୍ ହିଁ ସମସ୍ତ ନିର୍ଣ୍ଣୟ ନେଇଥାନ୍ତି, କର୍ମଚାରୀ କେବଳ ମୁନିବଙ୍କ ଯୋଜନା ଅନୁଯାୟୀ କାମ କରିଥାନ୍ତି । ଏଭଳି ସ୍ଥିତିରେ ଦେଖାଯାଏ ଯେ କର୍ମଚାରୀ କୌଣସି ଦାୟିତ୍ୱ ନେଇନଥାନ୍ତି । କାମ ଖରାପ ହେଉଥିଲେ କିମ୍ବା ନହେଉଥିଲେ ବି ସେମାନେ ନିଜ ବୁଦ୍ଧି ଖଟାଇନଥାନ୍ତି । କେବଳ ମୁନିବଙ୍କ ଆଜ୍ଞା ପାଳନ କରିବା ଲାଗି ଯେନତେନ ପ୍ରକାରେ କାମ ସାରିଦେବାକୁ ଚେଷ୍ଟା କରିଥାନ୍ତି । ଫଳରେ ସଂସ୍ଥାର କ୍ଷତି ହୋଇଥାଏ । କିନ୍ତୁ ପ୍ରକୃତ ପରିଚାଳକ ସେଇ, ଯିଏ ନିଜ କର୍ମଚାରୀମାନଙ୍କୁ କାମ କରିବାର ଦାୟିତ୍ୱ ସହିତ ନିଷ୍ପତ୍ତି ତଥା ନିର୍ଣ୍ଣୟ ନେବାର ସ୍ୱାଧୀନତା ଦେଇଥାଏ । ଏହାଦ୍ୱାରା କର୍ମଚାରୀ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାମ କରିଥାଏ । ନିଜ ସହଯୋଗୀ, ମିତ୍ର, ସମ୍ପର୍କୀୟ, କର୍ମଚାରୀଙ୍କ ଉପରେ ଭରସା ରଖି ସେମାନଙ୍କୁ କୌଣସି ଦାୟିତ୍ୱ ଦିଆଗଲେ ପରିଣାମ ନିଶ୍ଚିତ ରୂପେ ଭଲ ହୋଇଥାଏ । ଅନ୍ୟ ଉପରେ ଭରସା କରିବାକୁ ହେଲେ ପ୍ରଥମେ ଭଗବାନଙ୍କ



ଉପରେ ଭରସା ରଖିବାକୁ ହେବ । ରାମାୟଣରୁ ଆମକୁ ଏହି ଶିକ୍ଷା ମିଳିଥାଏ ।

ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ବାନରରାଜ ସୁଗ୍ରୀବଙ୍କୁ ଦାୟିତ୍ୱ ଦେଇଥିଲେ ପ୍ରଭୁ ଶ୍ରୀରାମ । ସୁଗ୍ରୀବଙ୍କୁ ପ୍ରତ୍ୟେକ ନିଷ୍ପତ୍ତି ନେବା ଲାଗି ସ୍ୱାଧୀନତା ଦେଇଥିଲେ । ସୁଗ୍ରୀବଙ୍କୁ ପ୍ରଭୁ ଶ୍ରୀରାମ ଯାହା କହିଥିଲେ, ତାହାକୁ ବର୍ଣ୍ଣନା କରି ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି, "ଅବ ସୋଇ ଜତନୁ କରହୁ ମନ ଲାଇ । ଜୋହି ବିଧି ସୀତା କେ ସୁଦ୍ଧି ପାଇ।" ଅର୍ଥାତ୍ ନିଜ ବୁଦ୍ଧିରେ ଏପରି ଉପାୟ କର, ଯାହାଦ୍ୱାରା ଦେବୀ ସୀତାଙ୍କୁ ଖୋଜିବା ସମ୍ଭବ ହୋଇପାରିବ । ଶ୍ରୀରାମଙ୍କ ଠାରୁ ନିଷ୍ପତ୍ତି ନେବାର ସ୍ୱତନ୍ତ୍ରତା ପାଇ ସୁଗ୍ରୀବ ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ୪ଟି ଅନୁସନ୍ଧାନ ଦଳ ଗଠନ କଲେ । ସବୁଠୁ ଯୋଗ୍ୟ ଦଳରେ ନୀଳ, ଅଙ୍ଗଦ, ଜାମ୍ବବନ୍ତ ଏବଂ ହନୁମାନ ରହିଥିଲେ । ଏମାନଙ୍କୁ ଦକ୍ଷିଣ ଦିଗକୁ ପଠାଗଲା । ଜାମ୍ବବନ୍ତ, ହନୁମାନଙ୍କ ନେତୃତ୍ୱରେ ଏହି ଦଳ ପ୍ରଥମେ ଲଙ୍କାର ସନ୍ଧାନ ପାଇଲେ, କିନ୍ତୁ ସେଠାକୁ ଯିବା ଲାଗି କେବଳ ହନୁମାନଙ୍କ ନିକଟରେ କ୍ଷମତା ରହିଥିଲା । ଯିବା ପୂର୍ବରୁ ଲଙ୍କାରେ କ'ଣ କରିବା ଉଚିତ୍ ସେ ସମ୍ପର୍କରେ ହନୁମାନ ବୁଦ୍ଧିମାନ ଜାମ୍ବବନ୍ତଙ୍କ ଠାରୁ ବୁଝିନେଲେ । ଜାମ୍ବବନ୍ତ କହିଲେ, ତୁମେ କେବଳ ଲଙ୍କା ଯାଇ ଦେବୀ ସୀତାଙ୍କୁ ସନ୍ଧାନ କରିଆସ ଏବଂ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ଖବର ଦିଅ । ଏହି ସମୟରେ ଅନ୍ୟ ବାନରମାନେ ଚିନ୍ତା ମଧ କରିନଥିଲେ ଯେ ହନୁମାନ ଯାଇ ଲଙ୍କାରେ ନିଆଁ ଲଗାଇଦେବେ । ସଂଯୋଗବଶତଃ ଏହା ହିଁ ହେଲା । ରାବଣର ଦରବାରରେ ଯୁକ୍ତିତର୍କ ହେବା ପରେ ହନୁମାନଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇଦିଆଗଲା । ହନୁମାନ ସେହି ନିଆଁରେ ସାରା ଲଙ୍କାକୁ ପୋଡ଼ି ପାଉଁଶ କରିଦେଲେ । ଶ୍ରୀହନୁମାନଙ୍କୁ କେବଳ ଦେବୀ ସୀତାଙ୍କୁ ଖୋଜି ଆଣିବାର ଦାୟିତ୍ୱ ଦିଆଯାଇଥିଲା । ତାଙ୍କ ନିକଟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିଥିଲା । ତେଣୁ ସେ ଦେବୀ ସୀତାଙ୍କ ସନ୍ଧାନ ପରେ ଲଙ୍କାଦହନ ଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲେ । ଫଳରେ ପ୍ରଭୁ ଶ୍ରୀରାମ ଲଙ୍କାରେ ପାଦ ଥାପିବା ପୂର୍ବରୁ ତାଙ୍କ ପରାକ୍ରମର ଆଭାସ ପାଇଯାଇଥିଲେ ରାବଣ ଓ ତା'ର ରାକ୍ଷସ ପ୍ରଜା । ସେମାନେ ଭଲ ଭାବେ ଅନୁମାନ କରିପାରୁଥିଲେ ଯଦି ଶ୍ରୀରାମଙ୍କ ସେନାର ଜଣେ ଯୋଦ୍ଧା ସମ୍ପୂର୍ଣ୍ଣ ଲଙ୍କାକୁ ଜାଳିଦେଇ ପାରେ, ତା'ହେଲେ ସମ୍ପୂର୍ଣ୍ଣ ସେନା ଆସି ପହଞ୍ଚିଲେ ଅବସ୍ଥା କ'ଣ ହେବ! ନିଜ ସାଥୀ ଏବଂ ସହଯୋଗୀଙ୍କୁ ଦାୟିତ୍ୱ ସହ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରିବାର ଏହି ବିଶେଷ କଳା ପ୍ରଭୁ ଶ୍ରୀରାମଙ୍କୁ ଭଲ ଭାବେ ଜଣାଥିଲା । ରାମାୟଣରେ ଅନେକ ସମୟରେ ଶ୍ରୀରାମ ନିଜର ଏହି ଶୈଳୀର ଉପଯୋଗ କରିଥିଲେ ।

# ଚେହେରାରେ ଚମକ ଆଣିଥାଏ ବିରିଡାଲି ଫେସପ୍ୟାକ୍

ଭାରତୀୟ ଭୋଜନରେ ଡାଲିର ବେଶ ମହତ୍ତ୍ୱ ରହିଥାଏ। ଏଥିରେ ଥିବା ଭିଟାମିନ ଏବଂ ପ୍ରୋଟିନ ଶରୀର ପାଇଁ ବେଶ ଲାଭକାରୀ ହୋଇଥାଏ । ଆପଣ ନିଜ ଚେହେରାରେ ବିରି ଡାଲିକୁ ଏମିତି ଭାବେ ବ୍ୟବହାର କରିପାରିବେ, ଫଳରେ ଏହା ଚେହେରାରୁ





ସୁନ୍ଦରତା ବଜାୟ ରଖିବାରେ ସାହାଯ୍ୟ କରିଥିଲେ । ଆସନ୍ତୁ, ଜାଣିବା କେମିତି ବ୍ୟବହାର କରିବେ ବିରି ଡାଲି..

ଟୋନିଂ କରିବା ପାଇଁ : ବିରି ଡାଲିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଥାଏ। ଟ୍ୟାନ୍ରୁ ରକ୍ଷା ପାଇବା ପାଇଁ ଆପଣ ଏହାକୁ ବ୍ୟବହାର କରିପାରିବେ । ୧/୨ କପ ଡାଲିକୁ ରାତିସାରା ପାଣି ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ପେଷ୍ଟ କରିଦିଅନ୍ତୁ। ଏଥିରେ ୧/୨ ଋଉଳ ଗୁଣ୍ଡ ମିଶାଇ ଏବଂ ଋମଚ ଲେମ୍ବୁ ଚୁପୁଡିଦିଅନ୍ତୁ । ଏହାକୁ ଏକାଠି ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ଧୋଇଦିଅନ୍ତୁ।

ତ୍ୱଋରୁ ଦାଗ ଦୂର କରିବା ପାଇଁ : ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ଦାଗ ଦୂର କରିବାରେ ବେଶୀ ପ୍ରଭାବୀ ହୋଇଥାଏ । ଏହା ତ୍ୱଋରେ ହେଲଥି ଗ୍ଲୋ ଆଣିଥାଏ। ୧/୨ କପ ବିରି ଡାଲିକୁ ରାତିରେ ଭିଜାଇ ସକାଳୁ ପେଷ୍ଟ କରିଦିଅନ୍ତୁ । ଏଥିରେ ଏକ ଋମଚ ଋଉଳ ପେଷ୍ଟ ମିଶାଇ ଭଲଭାବେ ପେଷ୍ଟ କରି ଲେମ୍ବୁ ରସ ମିଶାଇ ଦିଅନ୍ତୁ।

# ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ନିଷ୍ପାର ସହ କର : ମନ୍ତ୍ରୀ



**ଭୁବନେଶ୍ୱର, ୨୫।୬ (ମହାଭାରତ):** ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଆନୁକୂଲ୍ୟରେ ଏସଆଇଆରଡିସ୍ଥିତ ସମ୍ମିଳନୀ କକ୍ଷରେ ଶ୍ରମ ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କ ସମୀକ୍ଷା ବୈଠକ ଆଜି ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଲେ ଯେ ଆମ ରାଜ୍ୟ ତଥା ଦେଶର ପ୍ରଗତିରେ ଶ୍ରମିକମାନେ ନିରବଚ୍ଛିନ୍ନ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି । ରାଜ୍ୟ ସରକାର ଶ୍ରମିକମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି । ଶ୍ରମ କାର୍ଯ୍ୟାଳୟକୁ ଆସୁ ନ ଥିବା ଓ ନୀତିନିୟମ ଜାଣୁ ନ ଥିବା ଶ୍ରମିକମାନଙ୍କ ମୌଳିକ ସମସ୍ୟାର ଆଶୁ ସମାଧାନ, ବଞ୍ଚିତ ଶ୍ରମଜୀବୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ତ୍ୱରିତ ପଦକ୍ଷେପ ନେବା ଶ୍ରମ ଅଧିକାରୀମାନଙ୍କ ପ୍ରମୁଖ ଦାୟିତ୍ୱ । ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟସ୍ଥଳୀରେ ପଞ୍ଜିକରଣ ପ୍ରକ୍ରିୟା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏହାକୁ ଶ୍ରମ ଅଧିକାରୀମାନେ ନିଷ୍ଠାର ସହିତ ଅନୁପାଳନ କରିବା ଜରୁରୀ । ସମସ୍ତ ଜିଲ୍ଲା ଶ୍ରମ ଅଧିକାରୀମାନେ ପ୍ରକୃତ ନିର୍ମାଣ ଶ୍ରମିକମାନଙ୍କୁ ଚିହ୍ନଟ କରି ଶ୍ରମିକ କଲ୍ୟାଣ ବୋର୍ଡ଼ରେ ପଞ୍ଜିକୃତ କରି ସେଠାରେ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରିବା ଏବଂ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରକାର ସହାୟତା ରାଶି ଯୋଗାଇଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ମନ୍ତ୍ରୀ ସମସ୍ତ ଶ୍ରମ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ, ମହିଳା ଶ୍ରମିକ, ଶିଳ୍ପ ସଂସ୍ଥା ତଥା ବାଣିଜ୍ୟ ପ୍ରତିଷ୍ଠାନରେ କାର୍ଯ୍ୟରତ ଶ୍ରମିକ ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଲୋକାର୍ପିତ 'ଓଡ଼ିଶା ଶ୍ରମିକ ସାଥୀ ମୋବାଇଲ ଆପ୍'ର ଉପଯୋଗ କରି ନିର୍ମାଣ ଶ୍ରମିକ ଭାଇଭଉଣୀମାନେ ଯେକୌଣସି ସ୍ଥାନରୁ ଏହି ବୋର୍ଡର ସମସ୍ତ ସେବା ସୁବିଧାରେ ପାଇପାରୁଛନ୍ତି । ଏଥି ସହିତ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ମଧ୍ୟ ସରକାର ପ୍ରାଥମିକତା ଦେଇଛନ୍ତି । ବୈଠକରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ୍ ଯୋଗ ଦେଇ କହିଲେ ଯେ, ଶ୍ରମ ଅଧିକାରୀମାନେ କାର୍ଯ୍ୟାଳୟରେ ନ ବସି ବାସ୍ତବ କ୍ଷେତ୍ରକୁ ଯିବା ଓ ଶ୍ରମିକମାନଙ୍କର ସର୍ବାଧିକ କାର୍ଯ୍ୟସ୍ଥଳୀ ରେଜିଷ୍ଟ୍ରେଶନ କରାଇବା ଜରୁରୀ ବୋଲି କହିଥିଲେ ।

# ୫୦% ବୈଦ୍ୟୁତିକ ଯାନ ପଞ୍ଜୀକରଣ ଲକ୍ଷ୍ୟ

**ଭୁବନେଶ୍ୱର, ୨୫।୬ (ମହାଭାରତ):** ସ୍ୱଚ୍ଛ ଏବଂ ସ୍ଥାୟୀ ଗତିଶୀଳତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଶକ୍ତି ବିଭାଗ ମିଳିତ ଭାବରେ ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତି ୨.୦ ଉପରେ ବିଚାର ବିମର୍ଶ କରିବା ପାଇଁ ବୁଧବାର ଏକ ଉଚ୍ଚସ୍ତରୀୟ ମନ୍ଥନ ବୈଠକ ଆୟୋଜନ କରିଥିଲେ । ଏହି ବୈଠକ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଏବଂ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବୈଦ୍ୟୁତିକ ଗତିଶୀଳତା ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଏବଂ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ବ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

୨୦୩୬ ସୁଦ୍ଧା ସମସ୍ତ ନୂତନ ଯାନ ପଞ୍ଜୀକରଣରେ ଅତି କମରେ ୫୦% ବ୍ୟାଟେରୀ ବୈଦ୍ୟୁତିକ ଯାନ ଲକ୍ଷ୍ୟ ରଖିବାକୁ ନିଷ୍ପତି ନିଆଯାଇଥିଲା । ଇଭି ଯାନ ପଞ୍ଜୀକରଣ ବୃଦ୍ଧି ପାଉଛି । ୨୦୨୧ ମସିହାରେ ୧.୧୬% ଇଭି



ପଞ୍ଜୀକରଣ ଠାରୁ ୨୦ ଜୁନ୍ ୨୦୨୫ ସୁଦ୍ଧା ୮.୭୧% ପର୍ଯ୍ୟନ୍ତ ପଞ୍ଜୀକରଣ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ବର୍ତ୍ତମାନ ୫୫୦ ରୁ ଅଧିକ ପବ୍ଲିକ୍ ଚାର୍ଜିଂ ଷ୍ଟେସନ୍ ଅଛି, ଯେଉଁଥିରେ ଦୁଇ ଚକିଆ ଓଇଏମ୍, ଡିସକମ ଏବଂ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ କ୍ୟାପ୍ଟିଭ୍ ଭିତିଭୂମି ଅନ୍ତର୍ଭୁକ୍ତ । ରାଜ୍ୟ ପରିବହନ ପ୍ରାଧିକରଣ ପୂର୍ବରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଇଭି ଚାର୍ଜିଂ ଷ୍ଟେସନ୍ ବିକାଶ ପାଇଁ ପ୍ରସ୍ତାବ ପାଇଁ ଅନୁରୋଧ ଜାରି କରିଛି ।

ରାଜ୍ୟ ନିମ୍ନଲିଖିତ ପ୍ରମୁଖ ଉପାଦାନଗୁଡ଼ିକ ସହିତ ଓଡ଼ିଶା ଇଭି ନୀତି ୨୦୨୧ ସଂଶୋଧନ ପ୍ରକ୍ରିୟାରେ ଅଛି: ବୈଧତା ବୃଦ୍ଧି ଏବଂ ଇଭିକ୍ରେତା ଏବଂ ଚାର୍ଜ ପଏଣ୍ଟ ଅପରେଟର ପାଇଁ ପ୍ରୋତ୍ସାହନ ବୃଦ୍ଧି । ପ୍ରଥମ ଆସ-ପ୍ରଥମେ ସେବା ଆଧାରରେ ରାଜ୍ୟ ବଜେଟ୍ ରୁ ପ୍ୟାନେଲ ହୋଇଥିବା ଚାର୍ଜିଂ ପଏଣ୍ଟକୁ ପ୍ରୋତ୍ସାହନ । ଗ୍ରହଣ ଏବଂ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଏକ ଉତ୍ସର୍ଗୀକୃତ ଇଭି ପାଣ୍ଠି ସୃଷ୍ଟି କରିବା ପାଇଁ ଯାନଗୁଡ଼ିକର ଅନୁସନ୍ଧାନ ।

# ପ୍ରବଳ ବର୍ଷା ପାଇଁ ସତର୍କ ରହିବାକୁ ପରାମର୍ଶ

**ଭୁବନେଶ୍ୱର, ୨୫।୬ (ମହାଭାରତ):** ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା କରି ଗୃହ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) କୁ ସତର୍କ ରହିବାକୁ ଏବଂ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଜାରି କରିଛି ।

ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ୟୁଏଲବି ଗୁଡ଼ିକୁ ସମ୍ଭାବ୍ୟ ଜଳାବଦ୍ଧ ଅଞ୍ଚଳରେ ଜଳ ନିଷ୍କାସନ ନିମନ୍ତେ ପଣି ପମ୍ପକୁ ଆଗୁଆ ରଖିବା ସହ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦ୍ରୁତ ପ୍ରତିକ୍ରିୟା ଦଳ ଗଠନ କରିବାର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସତର୍କ ରହିବା ଆବଶ୍ୟକ । ଆମର ଧ୍ୟାନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ନାଗରିକ ସୁରକ୍ଷା ଉପରେ ରହିବା ଉଚିତ୍ । ପ୍ରତିକୂଳ ପରିସ୍ଥିତି ସମୟରେ ସହରାଞ୍ଚଳର ପ୍ରଭାବଶାଳୀ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୟୁଏଲବି ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ବିଭାଗ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି । ଲାଇନ୍ ବିଭାଗ ସହିତ ସମନ୍ୱୟ, ଜରୁରୀକାଳୀନ ମାନବ ସମ୍ବଳର ଉପଲବ୍ଧତା ଏବଂ ଅତ୍ୟାବଶ୍ୟକ ଉପକରଣର ପ୍ରସ୍ତୁତି କାର୍ଯ୍ୟର ପ୍ରମୁଖ କ୍ଷେତ୍ର ଭାବରେ ଆଲୋକପାତ କରାଯାଇଛି । ବିଭାଗ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି ଏବଂ ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି ।

# ରାକ୍ଷୀ ପୂର୍ଣ୍ଣିମାରେ ମିଳିବ 'ସୁଭଦ୍ରା' ତୃତୀୟ କିସ୍ତି

**ଭୁବନେଶ୍ୱର, ୨୫।୬ (ସ୍ୱାଧିକାର ନ୍ୟୁଜ):** ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୁଭଦ୍ରା ସୋସାଇଟିର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ ପ୍ରସ୍ତାବକୁ ଏହି ବୈଠକରେ ଅନୁମୋଦନ କରାଯାଇଛି । ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ୍ୟ ଏହି ବୈଠକରେ ଅନୁମୋଦନ କରାଯାଇଛି । ଇଣ୍ଡିଆନ ଇନଷ୍ଟିଚିଉଟ ଅଫ ପବ୍ଲିକ୍ ଆଡମିନଷ୍ଟ୍ରେସନ (ଆଇଆଇପିଏ), ନିଉ ଦିଲ୍ଲୀ ଦ୍ୱାରା "ଓଡ଼ିଶାର ଜିଲ୍ଲାମାନଙ୍କରେ ସୁଭଦ୍ରାର ପ୍ରଭାବ" ବିଷୟ ଉପରେ ହେବାକୁ ଥିବା ଅଧ୍ୟୟନର ପ୍ରସ୍ତୁତି ଓ ପ୍ରକ୍ରିୟା ଉପରେ



ଉପସ୍ଥାପନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସବୁ ବର୍ଗର ସୁଭଦ୍ରା ହିତାଧିକାରୀଙ୍କ ଉପରେ ସୁଭଦ୍ରା ସହାୟତାର ପ୍ରଭାବ, ଏହାର ଉପଯୋଗ ଓ ଡିଜିଟାଲ ଆର୍ଥିକ ଅନ୍ତର୍ଭୂକ୍ତକରଣ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା । ପୂର୍ବରୁ ନିଆଯାଇଥିବା ନିଷ୍ପତି ଅନୁଯାୟୀ ଆଇଆଇଏମ ସମ୍ବଲପୁର ସହଯୋଗରେ ଜୁଲାଇ ମାସ ପ୍ରଥମ ସପ୍ତାହରୁ କଲେଜ ଝିଅ (ସୁଭଦ୍ରା ସମୀକ୍ଷା) ମାନଙ୍କ ଦ୍ୱାରା କ୍ଷେତ୍ର ସର୍ବେକ୍ଷଣ କରାଯିବାର ନିଷ୍ପତି ନିଆଯାଇଛି । ସୁଭଦ୍ରା ସହାୟତାର ଉପଯୋଗକୁ ନିରନ୍ତର ଭାବେ ସମୀକ୍ଷା କରାଯିବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଛି । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ବେଆଇନ ମାଦକ କାରବାର ବିରୋଧରେ ୱାକାଥନ

**ଭୁବନେଶ୍ୱର, ୨୫।୬ (ମହାଭାରତ):** ଅବକାରୀ ବିଭାଗ ପକ୍ଷରୁ ବେଆଇନ ମାଦକ କାରବାର ବିରୋଧରେ ପ୍ରଥମ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମର ଶେଷଦିନରେ ଏକ ଗ୍ରାଣ୍ଡ ୱାକାଥନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ୱାକାଥନ ବେଆଇନ ମାଦକ ଦ୍ରବ୍ୟର ବ୍ୟବହାର ଓ ଅବୈଧ ଚାଲାଣ ବିରୋଧରେ ସଚେତନତା ସୃଷ୍ଟି କରିବା ନେଇ ଆୟୋଜିତ ଏହି ୱାକାଥନ ଆଜି ସକାଳ ୬.୩୦ରୁ କଳିଙ୍ଗ ଷ୍ଟାଡିଅମର ଗେଟ୍ ନମ୍ବର ୪ରୁ ଆରମ୍ଭ ହୋଇ ଜନତା ମୈଦାନ ପର୍ଯ୍ୟନ୍ତ ଯାଇଥିଲା । ଏହି ୱାକାଥନକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରି କହିଲେ ଯେ ବର୍ତମାନର ଯୁବସମାଜକୁ ବେଆଇନ ମାଦକ ଦ୍ରବ୍ୟ କବଳରୁ ଦୂରେଇ ରଖି ଏକ ସୁସ୍ଥ ଓ ନିରାମୟ ସମାଜ ଗଠନ କରିବା ଆମର ଲକ୍ଷ୍ୟ । ଏଣୁ ସବୁବର୍ଗର ଲୋକଙ୍କୁ ନେଇ ବେଆଇନ ମାଦକ ଦ୍ରବ୍ୟ ବିରୋଧରେ ବର୍ଷବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ଉତ୍ସବରେ ବିଭାଗର କମିଶନର ତଥା ଆୟୁକ୍ତ ଗୁହା ପୁନମ ତାପସ କୁମାର, ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକ ଅମ୍ବର କରଙ୍କ ସମେତ ବରିଷ୍ଠ ଅଧିକାରୀ ଓ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମୋକ୍ଷ ଡାନ୍ସ ଗ୍ରୁପ୍ ପକ୍ଷରୁ ' ଆମ ସଂକଳ୍ପ' ନାମକ ଅଭିଯାନ ସଂଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ପରେ ଲିପ୍‌ସା ଗ୍ରୁପ୍ ଦ୍ୱାରା ନିଶା ମୁକ୍ତି ଉପରେ ଏକ ନାଟକ ପରିବେଷିତ ହୋଇଥିଲା । ଶେଷରେ 'ଭିଗ୍‌ନାଞ୍ଜି ବ୍ୟାଣ୍ଡ' ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ୨୦୨୫ ମେ ୩୧ରୁ ଆରମ୍ଭ ହୋଇଥିବା ଏହି ମାସବ୍ୟାପୀ ଅଭିଯାନକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ।

# ଦେଶରେ ଶ୍ରେଷ୍ଠ ମେଡିକାଲ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱର

**ଭୁବନେଶ୍ୱର, ୨୫।୬ (ମହାଭାରତ):** ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି । ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି । ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । 'ଇସେଟକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମୀକ ଉତ୍କର୍ଷତା', 'ଭିତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତିଗତ ଉନ୍ନତି ଏବଂ ପ୍ଲେସମେଣ୍ଟ ଆଦି ଭଳି ପାସଙ୍ଗଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା । ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି ।

ଏହି ଅବସରରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ । ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି । ଏହିପରି ଜାତୀୟ ରାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ ।' ୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା । ୨୦୨୫ ରେ ଏହି ସୂଚୀରେ ୧୨ତମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି ।

# ବିଏମ୍‌ସିର ୩୨ ତମ ସାଧାରଣ ପରିଷଦ ବୈଠକ

**ଭୁବନେଶ୍ୱର, ୨୫।୬ (ସ୍ୱାଧିକାର ନ୍ୟୁଜ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୩୨ ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମ୍ ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ବିଳାଶ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ଷାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ଲାଇନ ଡିପାର୍ଟମେଣ୍ଟର ପ୍ରତିନିଧି, ବିଏମ୍ ସିର ସମସ୍ତ ଉପବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




ଚଳିତ ବର୍ଷ ଡେଙ୍ଗୁ ନିୟନ୍ତ୍ରଣ କରିବା ପାଇଁ ଆଗୁଆ ବ୍ୟାପକ ପଦକ୍ଷେପ ନିଆଯାଇଥିବାରୁ ରୋଗୀଙ୍କ ସଂଖ୍ୟା କମ ରହିଛି । ତେବେ ବର୍ଷା ଉପରେ ଏହା ନିର୍ଭର କରୁଛି । ଆଗାମୀ ଦିନରେ ଯେ ଡେଙ୍ଗୁ ରୋଗ ନ ବ୍ୟାପିବ ତାହା କହିହେବ ନାହିଁ । ତେଣୁ ସେଥିପ୍ରତି ସମସ୍ତେ ସଜାଗ ରହିବା ସହ ରୋଗୀ ସଂଖ୍ୟା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ସେହିପରି ସହରର କେତେକ ଅଂଚଳରେ ଡାଇରିଆ ଆରମ୍ଭ ହୋଇଥିଲା । ମାତ୍ର ରାଜ୍ୟ ସରକାର ଓ ବିଏମ୍ ସିର ମିଳିତ ଉଦ୍ୟମରେ ତାହାକୁ ନିୟନ୍ତ୍ରଣ କରାଯାଇ ପାରିଛି । ପ୍ରତିଶେଧକ ବ୍ୟବସ୍ଥା ସ୍ୱରୂପ, ଖାଦ୍ୟ ସୁରକ୍ଷା ଟିମ୍ ସହ ୱାଟକୋ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ଖାଦ୍ୟ ଓ ପାନୀୟ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଉଛନ୍ତି । ରିପୋର୍ଟ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବିଭିନ୍ନ ଖାଦ୍ୟ ଦୋକାନୀଙ୍କୁ ସଚେତନ କରାଯାଉଛି । ଯେଉଁମାନେ ବାରମ୍ବାର ନିୟମ ଉଲ୍ଲଂଘନ କରୁଛନ୍ତି, ସେମାନଙ୍କଠାରୁ ଜୋରିମାନା ଆଦାୟ କରାଯାଉଛି । ବର୍ଷା ଦିନ ଆସିଯାଇଥିବାରୁ ଏଣିକି ରାସ୍ତା ପାର୍ଶ୍ୱ ଏବଂ ବିଭିନ୍ନ ହୋଟେଲରେ ଖାଦ୍ୟ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବ । ଏଣିକି ଲୋକମାନେ ବିଭିନ୍ନ ପ୍ରକାର ଟାକ୍ସ ଦେବାକୁ ଆଉ ବିଏମ୍ ସି ଅଫିସ କିମ୍ବା ୱାର୍ଡ ଅଫିସ ଯିବାକୁ ପଡିବ ନାହିଁ । ମୋବାଇଲ ହ୍ୱାଟ୍ସ ଆପରେ ସେମାନେ ନିଜେ ନିଜର ସମସ୍ତ ପ୍ରକାର ଟାକ୍ସ ଦେଇପାରିବେ ।

# କୋକା-କୋଲା ଇଣ୍ଡିଆ ପବିତ୍ର ରଥଯାତ୍ରାକୁ ଅଧିକ ଶକ୍ତିଶାଳୀ କରିବ

**ଭୁବନେଶ୍ୱର, ୨୫।୬ (ମହାଭାରତ):** କୋକା-କୋଲା ଇଣ୍ଡିଆ, ଦେଶର ଏକ ସବୁଠାରୁ ଆଇକନିକ୍ ସାଂସ୍କୃତିକ ଉତ୍ସବ- ପବିତ୍ର ରଥଯାତ୍ରା ୨୦୨୫ ଯାହାକି ୨୭ ଜୁନରୁ ୦୫ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ପୁରୀ, ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଛି ନିଜର ସମସ୍ତ ପ୍ରସ୍ତୁତି ପର୍ବ ସହିତ ଏଠାରେ ନିଜର ଉପସ୍ଥିତିକୁ ଅଧିକ ଆକର୍ଷଣୀୟ କରିବାକୁ ଯାଉଛି । ଚ଼ଳିତ ବର୍ଷ ପ୍ରାରମ୍ଭରେ ମହାକୁମ୍ଭ ମେଳାରେ ନିଜର ଯୋଗଦାନକୁ ସଫଳତାର ସହିତ ପ୍ରତିଷ୍ଠା କରିବା ପରେ, କୋକା-କୋଲା ପୁଣି ଥରେ ନିଜର ସେହି ସତେଜଭରା ମୃଦୁପାନୀୟର ପୋର୍ଟଫୋଲିଓକୁ ପବିତ୍ର ରଥଯାତ୍ରାର ମହା ଅଗଣାର ମହାହୃଦୟରେ ପୁଣି ଥରେ ଉଜ୍ଜିବୀତ କରିବାକୁ ଯାଉଛି । କୋକା-କୋଲା, ଥମସ ଅପ, ସ୍ପ୍ରାଇଟ୍, ଫାଂଟା, ମାଜା, ଲିମ୍‌କା, ଲିମକା ଗ୍ଲୁକୋଚାର୍ଜ, ଚାର୍ଜଡ଼୍ ଏବଂ କିନ୍‌ଲେ ଭଳି ବିବିଧତାରେ ଭରା ପୋର୍ଟଫୋଲିଓ ବ୍ରାଣ୍ଡ ଜରିଆରେ, କୋକା-କୋଲା ଇଣ୍ଡିଆ ଏହାର ଉତ୍ସବ ଜନିତ ଆକର୍ଷଣୀୟ ଉଦ୍ଦିପନା ସହିତ ବିପୁଳ ପରିମାଣରେ ଉପଲବ୍ଧତା, ଗ୍ରାହକ ସୁବିଧା, ନିମଜ୍ଜିତକାରୀ ବ୍ରାଣ୍ଡର ସକ୍ରିୟତା ତଥା ଗଭୀର ଭାବରେ ଏଭଳି ଏକ ସାଂସ୍କୃତିକ ସମନ୍ୱିତତାକୁ ବୃଦ୍ଧି କରିପାରିବ । କମ୍ପାନୀ ମଧ୍ୟ ଏହାର ଆର୍ଥିକ ସଶକ୍ତିକରଣକୁ ବ୍ୟପକ କରିପାରିଛି ରୋଜଗାରର ଦିଗକୁ ଦୃଷ୍ଟିରେ ରଖି, ଯାହା ମଧ୍ୟରେ ରହିଛି ସ୍ଥାନୀୟ ଏବଂ ଖୁଚୁରା ବ୍ୟବସାୟୀ ମାନଙ୍କୁ ସମର୍ଥନ ପ୍ରଦାନ ପୂର୍ବକ ବିଭିନ୍ନ ପ୍ରକାରର ନିଯୁକ୍ତି ସୁଯୋଗ ସୃଷ୍ଟି ଓ ନିଶ୍ଚିତ ସାମାଜିକ ଏବଂ ପରିବେଶୀୟ ପ୍ରଭାବକୁ ସଠିକ୍ ଭାବରେ ପରିଚାଳିତ କରି ।

# ଧାନକିଣା ତାରିଖ ବୃଦ୍ଧି କରିବାକୁ କଂଗ୍ରେସର ଦାବି

**ଭୁବନେଶ୍ୱର, ୨୫।୬ (ମହାଭାରତ):** ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରି କହିଲେ ଯେ, ବିଜେପି ସରକାରଙ୍କ କୃଷି ଓ କୃଷକ ମାରଣ ନୀତି ଓ କର୍ପୋରେଟ ସପକ୍ଷ ନୀତି ବିରୁଦ୍ଧରେ ପ୍ରଦେଶ କିଷାନ କଂଗ୍ରେସ ସାରା ଓଡ଼ିଶାରେ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆହ୍ୱାନ ଦେଇଥିଲେ । ସେହିପରି ଧାନ କିଣାବେଳେ କଟନି ଛଟନି ବନ୍ଦ ସହ ବିଭିନ୍ନ ନଗଦ ଓ ଦୀର୍ଘମିଆଦି ଦାବିର ସମାଧାନ ନହେଲେ ସରକାର ଓ




ଶାସନକଳ ବିରୁଦ୍ଧରେ ଜୋରଦାର ପ୍ରତିବାଦ କରିବାକୁ ରାଜ୍ୟର କୃଷକ ଶ୍ରେଣୀ ଏହାକୁ ଏକ ବଡ଼ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିବାକୁ ଉଦାତ୍ତ ଆହ୍ୱାନ ଦେଇଥିଲେ । ବୈଠକରେ କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ରାଜ୍ୟର ପ୍ରାୟ ୨୦ରୁ ଅଧିକ ଚାଷୀ ନେତା ଉଦ୍‌ବୋଧନ ଦେଇ ଚାଷୀମାନଙ୍କର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ସ୍ୱାମିନାଥନ କମିଶନର ସୁପାରିଶକୁ ଲାଗୁ କରିବା, ୩୦୦ ୟୁନିଟି ବିଜୁଳି ମାଗଣା ଦେବା, ଚାଷୀଙ୍କୁ ୫୫ ବର୍ଷରେ ୧୦ ହଜାର ଭତା ପ୍ରଦାନ ସଂପୂର୍ଣ୍ଣ ଜଳସେଚନ ଓ ଜଳ ନିଷ୍କାସନ ସହ ବନ୍ୟା ଓ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ସରକାର ତୁରନ୍ତ ବର୍ଷାଦିନର ପୂର୍ବରୁ ବ୍ୟବସ୍ଥା ନକଲେ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜଧାନୀ ପର୍ଯ୍ୟନ୍ତ ଲଢ଼େଇକୁ ଜୋରଦାର କରାଯିବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ସାମସଙ୍ଗ ବେସପୋକ୍ ଏଆଇ ସାମଗ୍ରୀର ଅନାବରଣ

**ଭୁବନେଶ୍ୱର, ୨୫।୬ (ମହାଭାରତ):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ଆଜି ଏହାର ୨୦୨୫ ବେସପୋକ୍ ଏଆଇ ଘରୋଇ ସାମଗ୍ରୀର ବ୍ୟବସ୍ଥିତତାକୁ ଉପସ୍ଥାପନ କରିଛି ଗ୍ରାହକ ମାନଙ୍କୁ ଏକ ଭିନ୍ନ ଧରଣର ୪ଟି ସୁବିଧା ପ୍ରଦାନ ପୂର୍ବକ ଯଥା – ସହଜ, ଯତ୍ନଶୀଳ, ସଂଚୟ ଏବଂ ସୁରକ୍ଷିତକୁ ନେଇ ଯାହାକି ଆପଣଙ୍କ ଜୀବନକୁ ଏଆଇ ସହିତ ସରଳୀକରଣ ତଥା ଭରପୂର ରଖିପାରିବ । ଏ ସମସ୍ତ ଅଭିଜ୍ଞତା ସାମସଙ୍ଗର ନୂତନ ଏଆଇ ଘରୋଇ ସ୍କ୍ରିନ ଇଂଟରଫେସ, ବିକ୍ସବି ଧ୍ୱନୀ ସହାୟତା ସହିତ ଦୁଇ ପ୍ରକାରର ପ୍ରାକୃତିକ ଯୋଗାଯୋଗ, ସାମସଙ୍ଗ କ୍ନକ୍ସ ସୁରକ୍ଷା, ବାଧାହିନ ସ୍ମାର୍ଟଥିଙ୍ଗର ସଂଯୋଗୀକରଣ, ଉଚ୍ଚମାନର ବ୍ୟବହାରକାରୀତା, ଶକ୍ତିସଂରକ୍ଷଣ ତଥା ଅନେକଗୁଡ଼ିଏ ସ୍ମାର୍ଟ ଘରୋଇ ସମାଧାନରଆଧୁନିକତମ ଭାରତୀୟ ଘର ସମ୍ବନ୍ଧିତ କ୍ଷମତାକୁ ନେଇ ଆସିଅଛି । ବେସପୋକ ଏଆଇ ୪ଟି ପ୍ରମୁଖ ମୂଲ୍ୟଯୁକ୍ତ ଦ୍ୱାରା ପରିଚାଳିତ ଏକ ବ୍ୟବସ୍ଥିକରଣ ଅଟେ ଯାହାକି ଗ୍ରାହକମାନଙ୍କୁ ସିଧାସଳଖ ଭାବରେ ସୁବିଧା ପ୍ରଦାନ କରିଥାଏ ଯେପରିକି- ସହଜ, ଯତ୍ନଶୀଳ, ସଂଚୟ ଏବଂ ସୁରକ୍ଷିତତାକୁ ନେଇ । ବେସପୋକ୍ ଏଆଇ ଘରୋଇ ଉପକରଣ ଗୁଡ଼ିକ ଅତି ସହଜ ଓ ସରଳ ଭାବରେ ଏହାର କାର୍ଯ୍ୟ ଦକ୍ଷତା ଏଆଇ ଏବଂ ନିରବଚ୍ଛିନ୍ନ ସଂଯୋଗୀକରଣକୁ ନେଇ ସ୍ୱୟଂକ୍ରିୟ ଦୈନିକ ଦକ୍ଷତା ଏଆଇ ହୋମ ଜରିଆରେ ସମାଧାନ କରିବା ସହିତ ବିକ୍ସବି ଏବଂ ସ୍ମାର୍ଟଥିଙ୍ଗ ଗୁଡ଼ିକୁ ଏଥିରେ ସାମିଲ କରିଥାଏ । ଉଦାହରଣ ସ୍ୱରୂପ- ଏଆଇ ଘରୋଇ ସ୍ୱୟଂକ୍ରିୟ ଦୈନନ୍ଦିନ ସକ୍ଷମତା, ରିମୋଟ ପରିଚାଳିତ ତଥା ବାସ୍ତବ ସମୟ ଉପଯୋଗୀକୁ ମନିଟରିଙ୍ଗ କରି ।

# ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ସଂକ୍ରାନ୍ତୀୟ ଉଚ୍ଚସ୍ତରୀୟ କମିଟି ୭୦ହଜାର ୫୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହା ମଧ୍ୟରେ ଅତ୍ୟାଧୁନୀକ ଗନଠାରୁ ଆରମ୍ଭ କରୁ ସୁପରସୋନିକ ମିଶାଇଲ ପର୍ଯ୍ୟନ୍ତ ଅନେକ ୱିପନ ସିଷ୍ଟମ ରହିଛି। ଏହା ଉଭୟ ସ୍ଥଳସେନା ଏବଂ ନୌସେନାରେ ବ୍ୟବହୃତ ହେବ। ଏହା ଫଳରେ ଭାରତୀୟ ସେନା କେବଳ ସଶକ୍ତ ହେବ ନାହିଁ, ଦେଶର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଶିଳ୍ପ ମଧ୍ୟ ସମୃଦ୍ଧ ହେବ। କାରଣ ପ୍ରସ୍ତାବିତ ୭୦ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ମଧ୍ୟରୁ ୯୫ ପ୍ରତିଶତ ସ୍ୱଦେଶୀ ସଂସ୍ଥାରୁ କ୍ରୟ କରାଯିବ। ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ଅନୁମୋଦିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୨ ଲକ୍ଷ କୋଟି ଟଙ୍କାକୁ ଟପିଛି। ସ୍ୱଦେଶୀ ସାମଗ୍ରୀ କ୍ରୟ ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି। ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ଋଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ । ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ। କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ। ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ଉଦ୍ୟମ ନାହିଁ। ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ। କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ବ୍ୟକ୍ତି ନିଯୁକ୍ତି ପାଇବେ, କୃଷକମାନେ ଉପକୃତ ହେବେ ଏବଂ ଭାରତ ବିଦେଶରୁ ଖାଇବା ତେଲ ଆମଦାନୀ କରିବା ପରିବର୍ତ୍ତେ ବିଦେଶକୁ ରପ୍ତାନୀ କରି ବୈଦେଶିକ ମୁଦ୍ରା ଅର୍ଜନ କରିବ।

# ଓଡ଼ିଶାର ପଞ୍ଜାଙ୍ଗରେ ଜଗନ୍ନାଥଙ୍କ ପ୍ରଭାବ

"ସାଧାରଣତଃ ଆଷାଢ଼ କୃଷ୍ଣପକ୍ଷରେ ଶ୍ରୀଜଗନ୍ନାଥଙ୍କ ଅନବସର ଅନୁଷ୍ଠିତ ହୁଏ। ଯେଉଁ ବର୍ଷ ଆଷାଢ଼ ଚାନ୍ଦ୍ରମାସ ଅଧିକ (ମଳ) ହୁଏ, ସେ ବର୍ଷ ନବକଳେବର ଅନୁଷ୍ଠିତ ହୁଏ। ଏ ବର୍ଷ ଅନବସର ନିମନ୍ତେ ତିନୋଟି ପକ୍ଷ ଅର୍ଥାତ୍ ୪୫ ଦିନ ଏକାଦିକ୍ରମେ ଆବଶ୍ୟକ। ଏହି ୪୫ ଦିନ ମଧ୍ୟରୁ ପ୍ରଥମ ପନ୍ଦର ଦିନ ଶୁଦ୍ଧ କୃଷ୍ଣପକ୍ଷ ସବୁ ବର୍ଷ ପରି ସାଧାରଣ ଅନବସର ଏବଂ ପରବର୍ତ୍ତୀ ୩୦ ଦିନ ମଳ ମାସ ନବକଳେବର ପାଇଁ ଉଦ୍ଦିଷ୍ଟ।

**॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥**

ଭାରତୀୟ ଜ୍ୟୋତିଷଶାସ୍ତ୍ରରେ ତିନୋଟି ଭାଗ ଅଛି। ପ୍ରତ୍ୟେକ ଭାଗକୁ ସ୍କନ୍ଧ କୁହାଯାଏ। ଏହା ଗଣିତ ଜ୍ୟୋତିଷ, ଫଳିତ ଜ୍ୟୋତିଷ ଓ ମୁହୂର୍ତ୍ତ ଜ୍ୟୋତିଷ ନାମରେ ଖ୍ୟାତ। ଗଣିଷ ଜ୍ୟୋତିଷରେ ଅଖଣ୍ଡକାଳକୁ ବିଭକ୍ତ କରାଯାଇ ତାର ଅବୟବମାନଙ୍କର ଗଣନା କରାଯାଇଥାଏ। ଫଳିତ ଜ୍ୟୋତିଷରେ ବିଭକ୍ତ କାଳର ଅବୟବ ଗୁଡ଼ିକର ପ୍ରଭାବ ଯୋଗୁଁ ଯେଉଁ ଫଳାଫଳ ମିଳେ, ତାହାର ପୂର୍ବନିର୍ଦ୍ଧାରଣ କରାଯାଏ। ମୁହୂର୍ତ୍ତ ଜ୍ୟୋତିଷରେ କାଳର ବିଭିନ୍ନ ଅବୟବର ବ୍ୟାବହାରିକ ସୀମା ନିର୍ଦ୍ଧାରଣ କରାଯାଇଥାଏ। ଏହି ଦୃଷ୍ଟିରୁ ମୁହୂର୍ତ୍ତ ସ୍କନ୍ଧର ଧର୍ମଶାସ୍ତ୍ର ବା ସ୍ମୃତି ଶାସ୍ତ୍ର ସହିତ ସଂପର୍କ ରହିଛି।

ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ ହେବା ସମୟରୁ ଓଡ଼ିଶାର ପଞ୍ଜାଙ୍ଗରେ ଶ୍ରୀଜଗନ୍ନାଥଙ୍କର ପ୍ରଭାବ ଅତୁଟ ରହିଆସିଛି। ଶ୍ରୀମନ୍ଦିର ପ୍ରତିଷ୍ଠା ହେବା ସମୟରେ ପୁରୀରେ ଓଡ଼ିଶାର ପଞ୍ଜାଙ୍ଗର ଆଦ୍ୟ ପ୍ରବର୍ତ୍ତକ ଆଚାର୍ଯ୍ୟ ଶତାନନ୍ଦ ଅବସ୍ଥାନ କରୁଥିଲେ। ସେ ତିନୋଟି ପ୍ରସିଦ୍ଧ ଗ୍ରନ୍ଥ ରଚନା କରିଯାଇଛନ୍ତି। ଯଥା ଭାସ୍ୱତୀ, ଶତାନନ୍ଦ ସଂଗ୍ରହ ଏବଂ ଶତାନନ୍ଦ ରତ୍ନମାଳା। ଖ୍ରୀଷ୍ଟିୟ ଏକାଦଶ ଶତକର ଉତ୍ତରାର୍ଦ୍ଧରେ (୧୦୯୯ଖ୍ରୀ.) ଆଚାର୍ଯ୍ୟ ଶତାନନ୍ଦ ଏହି ଗ୍ରନ୍ଥ ରଚନା କରି ସର୍ବପ୍ରଥମେ ଜଗନ୍ନାଥଙ୍କର ପୁରୁଷୋତ୍ତମ କ୍ଷେତ୍ର ସଂପର୍କରେ ସୂଚନା ଦେଇଛନ୍ତି। ଏହି ସମୟରୁ ଚୋଡ଼ଗଙ୍ଗଙ୍କ ନେତୃତ୍ୱରେ ଦକ୍ଷିଣ ଭାରତରୁ ବୈଷ୍ଣବ ପରମ୍ପରା ଓଡ଼ିଶାରେ ଆନୁଷ୍ଠାନିକ ଭାବେ ପ୍ରବେଶ କରିଛି। ଫଳରେ ତତ୍କାଳୀନ ଓଡ଼ିଶାରେ ଶତାନନ୍ଦଙ୍କର ସ୍ମାର୍ତ୍ତ ବିଚାର ସହିତ ବୈଷ୍ଣବୀୟ ଆଚାର ବ୍ୟବହାରର ମିଶ୍ରଣ ଘଟିଥିବା ପ୍ରସଙ୍ଗକୁ ଏଡ଼ାଇ ଦେଇହେବନାହିଁ। ଆଚାର୍ଯ୍ୟ ଶତାନନ୍ଦ ଜଣେ ସ୍ମାର୍ତ୍ତ ପଣ୍ଡିତ। ତାଙ୍କର ଶତାନନ୍ଦ ରତ୍ନମାଳା ଏବଂ ଶତାନନ୍ଦ ସଂଗ୍ରହରେ ସେ ଅନେକ ସ୍ମାର୍ତ୍ତ ପରମ୍ପରାକୁ ସାମାଜିକ ଗ୍ରହଣୀୟତା ଦୃଷ୍ଟିରୁ ଅନ୍ତର୍ଭୁକ୍ତ କରିଯାଇଛନ୍ତି। ତେବେ ଓଡ଼ିଶାର ପଞ୍ଜାଙ୍ଗ ଗଣନା ଆଚାର୍ଯ୍ୟ ଶତାନନ୍ଦଙ୍କ ଠାରୁ ଆରମ୍ଭ ହୋଇଥିଲେ ହେଁ ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣ ଅନୁସାରେ ଗଣନା ପରବର୍ତ୍ତୀ ସମୟରେ ପ୍ରବର୍ତ୍ତିତ ହୋଇଅଛି। ଶ୍ରୀଜଗନ୍ନାଥ ମନ୍ଦିରରେ ଏହି ଅନୁସାରେ ପୂଜାକାଳ ନିରୂପିତ ହୋଇ ଆସୁଥିବାବେଳେ ବିରଜା ମଣ୍ଡଳରେ ଶତାନନ୍ଦଙ୍କର ଭାସ୍ୱତୀ ଅଦ୍ୟାବଧି ଅନୁସୃତ ହୋଇ ଆସୁଅଛି। ତେଣୁ ଓଡ଼ିଶାର ପଞ୍ଜାଙ୍ଗ ଉପରେ ଉଭୟ ଶ୍ରୀଜଗନ୍ନାଥ ଏବଂ ବିରଜାଙ୍କୁ କେନ୍ଦ୍ରକରି ପ୍ରଭାବ ପଡ଼ିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଅତି ବ୍ୟାପକ ଏବଂ ଗଭୀର।

ପ୍ରତ୍ୟେକ ଚାନ୍ଦ୍ରମାସରେ ଦୁଇଟି ପକ୍ଷ ଥାଏ। ଯଥା - କୃଷ୍ଣ ପକ୍ଷ ଓ ଶୁକ୍ଳପକ୍ଷ। ତେବେ ମାସର କେଉଁ ପକ୍ଷଟି ପ୍ରଥମ ଏବଂ କେଉଁ ପକ୍ଷଟି ଦ୍ୱିତୀୟ, ସେ ସଂପର୍କରେ ଐକମତ୍ୟ ନାହିଁ। ସମଗ୍ର ଦକ୍ଷିଣ ଭାରତ ଏବଂ ଅନ୍ୟତ୍ର ଅମାବାସ୍ୟା ଦିନ ଚନ୍ଦ୍ରମାସ ସମାପ୍ତ ହେଉଥିବାରୁ ଶକ୍ଳପକ୍ଷଟି ମାସର ପ୍ରଥମ ପକ୍ଷଭାବେ ଗୃହୀତ ହୋଇଥାଏ। କିନ୍ତୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ପାଇଁ ଏହି କ୍ରମ ଅନୁସୃତ ହୋଇନଥାଏ। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ନିମନ୍ତେ ଚାନ୍ଦ୍ରମାସର ଶେଷ ଦିନଟି ହେଉଛି ପୂର୍ଣ୍ଣିମା। ସୁତରାଂ ପୂର୍ଣ୍ଣିମାନ୍ତ ମାସ ହିଁ ଜଗନ୍ନାଥଙ୍କ ପାଇଁ ଉଦ୍ଦିଷ୍ଟ। ଏହି ବିଧାନକୁ ଅନୁସରଣ କରି ସାରା ଓଡ଼ିଶାର ପଞ୍ଜାଙ୍ଗରେ ପ୍ରଥମ ପକ୍ଷଟି କୃଷ୍ଣପକ୍ଷ ଏବଂ ଦ୍ୱିତୀୟ ପକ୍ଷଟି ଶୁକ୍ଳ ପକ୍ଷ ଭାବରେ ଗୃହୀତ ହୋଇଥାଏ।



ସାଧାରଣତଃ ଆଷାଢ଼ କୃଷ୍ଣପକ୍ଷରେ ଶ୍ରୀଜଗନ୍ନାଥଙ୍କ ଅନବସର ଅନୁଷ୍ଠିତ ହୁଏ। ଯେଉଁ ବର୍ଷ ଆଷାଢ଼ ଚାନ୍ଦ୍ରମାସ ଅଧିକ (ମଳ) ହୁଏ, ସେ ବର୍ଷ ନବକଳେବର ଅନୁଷ୍ଠିତ ହୁଏ। ଏ ବର୍ଷ ଅନବସର ନିମନ୍ତେ ତିନୋଟି ପକ୍ଷ ଅର୍ଥାତ୍ ୪୫ ଦିନ ଏକାଦିକ୍ରମେ ଆବଶ୍ୟକ। ଏହି ୪୫ ଦିନ ମଧ୍ୟରୁ ପ୍ରଥମ ପନ୍ଦର ଦିନ ଶୁଦ୍ଧ କୃଷ୍ଣପକ୍ଷ ସବୁ ବର୍ଷ ପରି ସାଧାରଣ ଅନବସର ଏବଂ ପରବର୍ତ୍ତୀ ୩୦ ଦିନ ମଳ ମାସ ନବକଳେବର ପାଇଁ ଉଦ୍ଦିଷ୍ଟ। ମହାବିଷୁବ ସଂକ୍ରାନ୍ତି ଠାରୁ ଓଡ଼ିଶାରେ ପଞ୍ଜାଙ୍ଗର ଆରମ୍ଭ ହେଉଥିଲେ ମଧ୍ୟ ଫାଲଗୁନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ଦୋଳଯାତ୍ରାରେ ଦୋଳପୂର୍ଣ୍ଣିମା ଦିନ ଶ୍ରୀଜୀଉଙ୍କ ନିକଟରେ ଆଗାମୀ ବର୍ଷର କାଳାନୁପାତି ଫଳାଫଳ ପାଠ କରାଯାଏ। ଶ୍ରୀଜଗନ୍ନାଥ ଓଡ଼ିଶାର ରାଷ୍ଟ୍ରଦେବତା ହୋଇଥିବାରୁ ରାଷ୍ଟ୍ରମୁଖ୍ୟଙ୍କ ନିକଟରେ ରାଜଜ୍ୟୋତିଷୀ କାଳଗଣନା କରି ତାହାର ଭବିଷ୍ୟତ ଫଳ ଶୁଣାଇଥାଆନ୍ତି ପୂର୍ବ ବର୍ଷର ଶେଷ ଦିନରେ। ଏହି ପରିପ୍ରେକ୍ଷୀରେ ଫାଲଗୁନ ପୂର୍ଣ୍ଣିମା ବର୍ଷର ଶେଷ ଦିନ। ତା ପରେ ଦିନ ଚୈତ୍ରମାସ ଆରମ୍ଭ ହେଉଥିବାରୁ ଏହା ପରବର୍ତ୍ତୀ ବର୍ଷର ଦିନ। ଏହି ପରାମ୍ପରାକୁ ଅନୁସରଣ କରି ଓଡ଼ିଶାରେ ସର୍ବତ୍ର ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କୁ ଦୋଳାରେ ବସାଇ ପଞ୍ଜିକା ପାଠ ଓ ଶ୍ରବଣ କରାଯାଏ। ଶ୍ରୀଜଗନ୍ନାଥଙ୍କର ଏହି ଉତ୍ସବ ଏବଂ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଅନୁଷ୍ଠିତ ହେଉଥିବାରୁ ଓଡ଼ିଶାର ପଞ୍ଜାଙ୍ଗରେ ଏ ବିଷୟରେ ସ୍ୱତନ୍ତ୍ର ଉଲ୍ଲେଖ ଥାଏ।

ଉପର୍ଯ୍ୟୁକ୍ତ ଦୃଷ୍ଟାନ୍ତ ଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଓ ପ୍ରଣୀତ ପଞ୍ଜାଙ୍ଗମାନଙ୍କ ଅପେକ୍ଷା ଓଡ଼ିଶାର ପଞ୍ଜାଙ୍ଗରେ କେତେକ ସ୍ୱାତନ୍ତ୍ୟ ପରିଲକ୍ଷିତ ହୁଏ। ବୈଦିକ, ପୌରାଣିକ ଓ ଆଗମିକ ବ୍ୟବସ୍ଥା ଅନୁସାରେ ପଞ୍ଜାଙ୍ଗରେ ନାନା କାର୍ଯ୍ୟକ୍ରମ ପାଇଁ ନାନା ସମୟ ନିର୍ଦ୍ଧାରିତ ହେଉଥିଲେ ହେଁ ଏହାର ସର୍ବଭାରତୀୟ ସ୍ୱୀକୃତି ଅଛି କିନ୍ତୁ ଓଡ଼ିଶାରେ ଯେଉଁ ସ୍ୱାତନ୍ତ୍ର ଅଛି, ତାହା କେବଳ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଯୋଗୁଁ ସମ୍ଭବ ହୋଇପାରିଛି। ଶ୍ରୀମନ୍ଦିରର ସର୍ବବିଧ ପୂଜା ଓ ପର୍ବପର୍ବାଣୀ ନିମନ୍ତେ ସୂର୍ଯ୍ୟୋଦୟକାଳୀନ ତିଥିକୁ ଗ୍ରହଣ କରାଯାଉଥିବାରୁ ଶ୍ରୀଜଗନ୍ନାଥଙ୍କର ସେବାପୂଜା ଓ ପର୍ବପର୍ବାଣୀ ନିମନ୍ତେ କର୍ମକାଳ ଠିକଣା କରିବାରେ କୌଣସି ଅସୁବିଧା ହୁଏ ନାହିଁ, ଯାହାକି ଅନ୍ୟ ଅଞ୍ଚଳରେ ନଥିବାରୁ ଘୋର ଅସୁବିଧା ସମ୍ମୁଖୀନ ହେବା ଅବସ୍ଥା ପରିଲକ୍ଷିତ ହୋଇଥାଏ। ସୁତରାଂ ଓଡ଼ିଶାର ପଞ୍ଜାଙ୍ଗରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବକୁ ଆଧାର କରି ଏଥିରେ ଦେଖାଦେଇଥିବା ପାର୍ଥକ୍ୟ, ବୈଷମ୍ୟ ଓ ସାର୍ବଜନୀନତାର ମୂଳତତ୍ତ୍ୱ ଖୋଜି ବାହାର କରିବା ପାଇଁ ଗବେଷଣା ହେଲେ ଜଗନ୍ନାଥ କୈନ୍ଦ୍ରିକ ଉତ୍କଳୀୟ ସଂସ୍କୃତିର ଯୁକ୍ତିଯୁକ୍ତତା ପ୍ରତିଷ୍ଠିତ ହୋଇପାରିବ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ଜଗନ୍ନାଥ ହେ...

**॥ ଅଭୟ କୁମାର ଦାସ ॥**

ମହାପ୍ରଭୁ ଶ୍ରୀଜଗନ୍ନାଥ ପୂର୍ଣ୍ଣବ୍ରହ୍ମ। ଆସୁଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ସାଧାରଣ ମଣିଷଟିଏ ପରି ପୁରୁଷୋତ୍ତମ ମହାପ୍ରଭୁଙ୍କର ଏଇ ଲୌକିକ ଲୀଳା ସତରେ ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ବି ମରଇ। ଏକ ଅଲୌକିକ ରହସ୍ୟମୟ ମହାସତ୍ତା କେତେ ସସୀମବର୍ତ୍ତୀ ହୋଇଯାଏ ଏଇ ଉତ୍କଣ୍ଠିତ ସାଧାରଣ ମଣିଷଙ୍କ ମେଳ ଭିତରେ। ଅପୂର୍ବ ଛନ୍ଦରେ, ଠାଣିରେ, ପରମ୍ପରାରେ ସେ ତାଙ୍କର ଯାତ୍ରା ଆରମ୍ଭ କରନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିହ୍ୱଳିତ ଓ ବିମୋହିତ ହୋଇଯାଏ ତାଙ୍କର ଆରାଧ୍ୟ ଦେବତାଙ୍କୁ ସାମ୍ନାରେ ପାଇ।

ଆମ ଆଦିମ ଅଧିବାସୀ ଶବର ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ଦାରୁଦେବତା ପ୍ରଭୁ ନୀଳମାଧବ କାଳକ୍ରମେ ଜଗନ୍ନାଥ ରୂପ ବିଗ୍ରହ ଧାରଣ କରି ପୂଜିତ ହୋଇ ଚାଲିଛନ୍ତି ବୋଲି ଶ୍ରୁତି ରହିଛି। ସେ ବ୍ରହ୍ମ, ସେ ବିଷ୍ଣୁ, ସେ ହିଁ ନାରାୟଣ। 'ଓଁ କ୍ଲୀଂ କୃଷ୍ଣାୟେ, ଗୋବିନ୍ଦାୟେ, ଗୋପୀକାଜନବଲ୍ଲଭେ ନମଃ'ର ମାନ୍ତ୍ରିକ ଉଚ୍ଚାରଣରେ ପୂଜିତ ହେଉଥିବା ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣଙ୍କର ପ୍ରତିରୂପ ବୋଲି ମଧ୍ୟ ବିଚାର କରାଯାଏ। ଲୋକକଥା ମଧ୍ୟ ରହିଛି ଯେ ଶ୍ରୀକୃଷ୍ଣଙ୍କର ମର୍ତ୍ତ୍ୟଲୀଳାର ପରିସମାପ୍ତି ପରେ ପରେ ସେ ପୂର୍ବ ଭାରତର ଏହି ପୁଣ୍ୟପୀଠରେ ଶ୍ରୀଜଗନ୍ନାଥ ରୂପେ ଆବିର୍ଭୁତ ହେଲେ। ଏଣୁ ସକଳ ବୈଷ୍ଣବ ସଂପ୍ରଦାୟଙ୍କର ସେ ମଧ୍ୟ ଆରାଧ୍ୟ ଦେବତା ଯାହା ଶ୍ରୀଚୈତନ୍ୟଙ୍କ ଦ୍ୱାରା ଅଧିକ ସଂପ୍ରସାରିତ ଓ ଗୃହୀତ ହୋଇଆସିଛି। ବୈଷ୍ଣବ ମତାନୁସାରେ ସେ ହେଉଛନ୍ତି ଶ୍ରୀକୃଷ୍ଣ, ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମଙ୍କ ସହିତ ଭଉଣୀ ସୁଭଦ୍ରାଙ୍କର ସମାବେଶରେ ସେ ବିରାଜିତ। ଏହି ଯଶୋଦା କନ୍ୟା ସୁଭଦ୍ରା ଭାଇ ଦୁଇ ଜଣଙ୍କୁ ମହାପ୍ରତାପୀ କଂସଙ୍କ କବଳରୁ ବଞ୍ଚାଇଥିବାରୁ ସେ ତାଙ୍କର ଅତି ଆଦରର। ଅଦ୍ୱୈତବାଦାନୁସାରେ ଏହି ମହାଦେବୀ ସୁଭଦ୍ରା ଯୋଗମାୟା ଓ ଯୋଗନିଦ୍ରା ଭାବେ ମଧ୍ୟ ପରିଚିତା। ସେ ପୁଣି ଅଖଣ୍ଡ, କାଳ ବା ସମୟଚକ୍ରର ସ୍ରଷ୍ଟାଦେବୀ। ସୁଦର୍ଶନ ହେଉଛନ୍ତି

ମହାଭାରତର କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ସମ୍ମିଳିତ ରୂପ ଯାହାଙ୍କୁ ନାରଦ ପ୍ରତ୍ୟକ୍ଷ କରି କଳିଯୁଗରେ ଆବିର୍ଭାବ ହେବା ପାଇଁ ପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା କରିଥିଲେ। ଆମ ଭାରତୀୟ ପରମ୍ପରାରେ ଭଉଣୀ ସହିତ ପ୍ରଭୁ ପୂଜିତ ହେବାର ସ୍ୱତନ୍ତ୍ରତା ରହିଛି।



ଅନ୍ୟପକ୍ଷରେ ବୌଦ୍ଧ ଧର୍ମର ବୁଦ୍ଧ, ଧମ୍ମ ଓ ସଂଘର ମହତ୍ତ୍ୱ ରତ୍ନସିଂହାସନରେ ଉପବିଷ୍ଟ ଏହି ଚତୁର୍ଦ୍ଧାମୂର୍ତ୍ତିରେ ସମାବିଷ୍ଟ ବୋଲି ବୌଦ୍ଧ ଧର୍ମର ଲୋକମାନଙ୍କର ବିଶ୍ୱାସ ମଧ୍ୟ ରହିଛି। ଏହି ଧମ୍ମ ସଦାବେଳେ ନାରୀର ପ୍ରତିନିଧିତ୍ୱ କରିଥାଏ ବୋଲି ତହିଁରେ କୁହାଯାଇଛି। ଆଉ ରତ୍ନବେଦୀ ଐଶ୍ୱର୍ଯ୍ୟର ଭଣ୍ଡାର ବୋଲି ବିଶ୍ୱାସ ରହିଛି। ମୋଟ ଉପରେ କୁହାଯାଇପାରେ ଯେ ପ୍ରଭୁ ପୁରୁଷୋତ୍ତମଙ୍କର ଏହି ଆସ୍ଥାନରେ ରହିଛି ବିଷ୍ଣୁ, ଶୈବ, ବୈଷ୍ଣବ ଓ ବୌଦ୍ଧ ବିଶ୍ୱାସୀଙ୍କର ପରମ ଆସ୍ଥା ଏବଂ ଅନାବିଳ ବିଶ୍ୱାସ। ଏହି ଚତୁର୍ଦ୍ଧା ମୂର୍ତ୍ତିର ପରିକଳ୍ପନା ସ୍ୱୟଂ ପ୍ରଭୁଙ୍କର ବୋଲି ଆମେ ବିଶ୍ୱାସ କରିଆସିଛୁ, କାରଣ ଏହାର ତତ୍ତ୍ୱକୁ ଯେତେ ବିଶ୍ଳେଷଣ କଲେ ମଧ୍ୟ ଏହା ଅଲୌକିକରେ ଲୌକିକ ଓ ରହସ୍ୟରେ ପରମ ଅଖଣ୍ଡ ବିଶ୍ୱାସରେ ଅଧିଷ୍ଠିତ। ଗୋଲାକାର ଦାରୁ ବିଗ୍ରହର ଅନୁପମ ରୂପ ଓ ମହିମା ଚିରକାଳ ଆମକୁ ବାନ୍ଧି ରଖିଆସିଛି। ଜଗତର ସବୁ ରଙ୍ଗ ତାଙ୍କଠି ଠୁଳ। ବିସ୍ଫାରିତ ପଲକବିହୀନ ନେତ୍ର ଯୁଗଳରେ ସେହି ପରମ କାରୁଣିକ ଅହୋରାତ୍ର ତାଙ୍କର ସୃଷ୍ଟି ଜଗତକୁ ଚାହିଁ ରହିଛନ୍ତି। ସକଳ ପ୍ରାଣୀଙ୍କୁ ନିରୀକ୍ଷଣ କରିଚାଲିଛନ୍ତି।

ସଂସାରରେ କିଛି ହିଁ କିଛି ତାଙ୍କ ଅଗୋଚରରେ ରହେ ନାହିଁ। ଯୁଗଯୁଗ ଧରି ବହୁ ପ୍ରାଜ୍ଞ ପଣ୍ଡିତ ତାଙ୍କରି ମହିମା ବର୍ଣ୍ଣନା କରି ମଧ୍ୟ ତାହା ଅସରନ୍ତି ରହିଛି। ସେହି ପୁରୁଷୋତ୍ତମଙ୍କ ମହିମା ବର୍ଣ୍ଣିବା ପାଇଁ ଭାଷା ବି କାହିଁ। ତାଙ୍କରି ବଡ଼ ଦେଉଳ ପାଖରେ ସମସ୍ତେ ଶରଣାଗତ; ତାଙ୍କରି ବଡ଼ଦାଣ୍ଡର ଧୂଳିରେ ସବୁ ଗର୍ବ ଅହଂକାର ଝରିପଡ଼ି ଭୂପତିତ ହୋଇଯାଏ। ତାଙ୍କରି କରୁଣା ଟିକିଏ ପାଇଁ ସମସ୍ତେ ଉର୍ଦ୍ଧ୍ୱବାହୁ ହୋଇ ପ୍ରାର୍ଥନା କରନ୍ତି। ସବୁ ଯାଚନା, ଆକୁତି ଓ ପ୍ରାର୍ଥନା ତାଙ୍କରି ଆଶିଷ ପାଇଁ, ଶ୍ରଦ୍ଧାର ବାଲିକଣାଟିଏ ପାଇଁ। ସେହି ମହାପ୍ରଭୁ ଆଜି ତାଙ୍କର ଅଗଣିତ ଭକ୍ତଙ୍କ ସମ୍ମୁଖରେ ଉଭା। ସବୁରି କଣ୍ଠରେ ଯେପରି ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ। ମହାପ୍ରଭୁଙ୍କର ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଜି ଏକାଠି ସମବେତ ଲକ୍ଷ ଲକ୍ଷ ଜନତା। ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି ଶୃଙ୍ଖଳା, ଶାନ୍ତି ଓ ସଦ୍‌ଭାବନା ପାଇଁ। ପ୍ରଭୁ ଆଶିଷ ଦିଅନ୍ତୁ ତାଙ୍କର ଏହି ଦିବ୍ୟ ଯାତ୍ରା ନିର୍ବିଘ୍ନରେ, ତାଙ୍କରି କରୁଣାରେ ସମାପନ ହେଉ ଜଗତବାସୀଙ୍କର ମଙ୍ଗଳ କାମନା କରି ସେହି ଜଗନ୍ନାଥଙ୍କୁ ଏଇ ବିନମ୍ର ପ୍ରାର୍ଥନା।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# କାନ୍ଧରେ ଆସନ୍ତି ଦେବୀ ସୁଭଦ୍ରା

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଆଜି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା, ପତିତପାବନ ଯାତ୍ରା। ବଡ଼ଦାଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଅଗ୍ରଜ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହ ଅଗଣିତ ଭକ୍ତଜନଙ୍କୁ ଆଶୀର୍ବାଦର କୃପାବାରିଧାରାରେ ବୁଡ଼ାଇ ଦିବ୍ୟ ଦର୍ଶନ ପାଇଁ ଆଗମନ କରିଥାନ୍ତି। ବଡ଼ଭାଇ ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ପହଣ୍ଡି ଆସନ୍ତି । ପ୍ରଭୁ ବଳଭଦ୍ରଙ୍କ ପହଣ୍ଡିରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୁଏ। ସେବକଙ୍କ ଗହଣରେ ଟାହିଆ ହଲାଇ ହଲାଇ ଦୁଇଠାକୁର ପହଣ୍ଡି କରି ଆସୁଥିବା ବେଳେ ଭଉଣୀ ସୁଭଦ୍ରା ପହଣ୍ଡନ୍ତି ନାହିଁ । ସେ ସେବକଙ୍କ କାନ୍ଧ ଓ ମୁଣ୍ଡରେ ବିଜେ କରନ୍ତି । ସ୍ନାନଯାତ୍ରାରେ ସ୍ନାନବେଦୀ ହେଉ କି ରଥଯାତ୍ରାରେ ରଥ, ଜନ୍ମବେଦୀକୁ ହେଉ କି ବାହୁଡ଼ାରେ ରଥକୁ ହେଉ କିମ୍ବା ନୀଳାଦ୍ରି ବିଜେରେ ରତ୍ନସିଂହାସନକୁ ବିଜେ ହେଉ, ସବୁବେଳେ ମା'ସୁଭଦ୍ରା ସେବକଙ୍କ କାନ୍ଧ ଓ ମୁଣ୍ଡରେ ଯାଇଥାନ୍ତି । ଭଉଣୀ ଭାଇ ସାଙ୍ଗରେ ସ୍ନାନ, ରଥଯାତ୍ରା, ବାହୁଡ଼ାଯାତ୍ରା କରୁଥିବାବେଳେ ଦେବୀଙ୍କ କ୍ଷେତ୍ରରେ ଏହି ବ୍ୟତିକ୍ରମ କାହିଁକି ବୋଲି ପ୍ରଶ୍ନ ଉଠେ । ଏ ବିଷୟରେ ଅନେକେ ଅନେକ କଥା କୁହନ୍ତି । ଗବେଷକ ଡ. ନରେଶ ଦାଶଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ମହାପ୍ରଭୁଙ୍କର ଏହା ମାନବୀୟ ଲୀଳା । ଶାସ୍ତ୍ର, ପୁରାଣ, ସବୁଠି ରହିଛି ନାରୀ ସବୁବେଳେ ଆଦରଣୀୟା । ସେ କୋମଳ, ତାଙ୍କୁ କେବେ କଷ୍ଟ ଦେବା କଥା ନୁହେଁ । ନାରୀର ସ୍ଥାନ ସର୍ବଦା ଉଚ୍ଚରେ । ତାଙ୍କୁ ମୁଣ୍ଡାଇ ରଖିବା କଥା । ଏହି ଉକ୍ତିର ଯଥାର୍ଥ ପ୍ରମାଣ ହେଉଛି ଦେବୀ ସୁଭଦ୍ରାଙ୍କ ବିଜେ । ସେ ନାରୀ, ଜଗଜ୍ଜନନୀ ମାଆ । ତାଙ୍କୁ ଠେଲି ଠେଲି ବା ଟାଣି ଟାଣି ଆଣି ହେବନାହିଁ । ସେ ସର୍ବଦା ପୂଜ୍ୟା । ତେଣୁ ତାଙ୍କୁ ସେବକମାନେ କାନ୍ଧରେ ବା ମୁଣ୍ଡରେ ଟେକି ଟେକି ଆଣିଥାନ୍ତି । ଦେବୀ ସୁଭଦ୍ରାଙ୍କ ରଥରେ ସୁଦର୍ଶନ ରହିବାପରେ ନାରୀ ହୃଦୟରେ ଯେଉଁ ମହାନନ୍ଦ ପ୍ରକାଶ ପାଏ, ସେହି ମହାନନ୍ଦରେ ବିଭୋରହୋଇ ଜଗତ୍‌ଜନନୀ ମା'ସୁଭଦ୍ରା ଚଳତ୍ ଶକ୍ତିହୀନା ହୋଇପଡ଼ନ୍ତି। ତେଣୁ ଦଇତାମାନେ ତାଙ୍କୁ କାନ୍ଧେଇକରି ନେଇଯାଆନ୍ତି। ସୁଭଦ୍ରା ହେଉଛନ୍ତି ମହାଶକ୍ତି। ସେ ଆଦ୍ୟା ହେତ୍ ଅନ୍ଧକାରବର୍ଣ୍ଣା। ସେଥିପାଇଁ ତାଙ୍କ ରଥ କୃଷ୍ଣବର୍ଣ୍ଣ। ଦେବୀ ସୁଭଦ୍ରା ରଥାରୂଢ଼ା ହେଲାପରେ ମହାଭୈରବ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୁଏ। ଏହି ପହଣ୍ଡି ପୂର୍ବରୁ ସୁଦର୍ଶନ ଶକ୍ତିଙ୍କ ସହ ସଂଯୁକ୍ତ ହୋଇଥିବାରୁ ଆନନ୍ଦଉଲ୍ଲାସ ମଧ୍ୟରେ ଟାହିଆ ହଲାଇ ହିନ୍ଦୁତନ୍ତ୍ରର ମହାଭୈରବପ ଜଗନ୍ନାଥଙ୍କର ଆଗମନ ହୁଏ।



ମହାପ୍ରଭୁ ସ୍ୱୟଂ ଦେବୀ ସୁଭଦ୍ରାଙ୍କୁ ଟେକି ଟେକି ନେବାର ପ୍ରଥା କରି ନାରୀଙ୍କ ପ୍ରତି ସମ୍ମାନ ପ୍ରତିପାଦନ କରିଛନ୍ତି । ସେହିପରି ଦେବୀ ସୁଭଦ୍ରାଙ୍କ ବାଡ଼ର ବାଡ଼ଗ୍ରାହୀ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି, ମାଆକୁ ପୁଅ ବା ଭଉଣୀକୁ ଭାଇ କେବେ କଷ୍ଟ ଦେଇ ନେଇପାରେ ନାହିଁ । ନାରୀକୁ ମୁଣ୍ଡରେ ବସାଯାଏ । ମାଆ, ଭଉଣୀ ଓ ପତ୍ନୀ ସର୍ବଦା ପୂଜନୀୟା । ତେଣୁ ମାଆ ସୁଭଦ୍ରାଙ୍କୁ ଟେକି ଟେକି ନେବାର ପରମ୍ପରା ରହିଛି । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନବଦିନଯାତ୍ରା ବୋଲି କୁହାଯାଏ। କାରଣ ଏହି ଯାତ୍ରା ନଅଦିନ ବ୍ୟାପୀ ହୁଏ। ନ'ଏକ ପରିପୂର୍ଣ୍ଣ ସଂଖ୍ୟା। ୯x୧=୯, ୯x୨=୧୮ (୧+୮=୯) ତାନ୍ତ୍ରିକ ମତରେ ନ ଅତ୍ୟନ୍ତ ଶୁଭପ୍ରଦ। ଆଷାଢ଼ ଶୁକ୍ଳ ଦଶମୀରେ ଶ୍ରୀଜୀଉଙ୍କରଥ ସିଂହଦ୍ୱାରରେ ଲାଗିଲେ ମଧ୍ୟ ସେ ଦିନ ଦିଅଁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ। ସାଧାରଣତଃ ନ'ମାସ ମାତୃଗର୍ଭରେ ସନ୍ତାନ ରହେ। ଦଶମାସ ପରେ ସନ୍ତାନ ଭୂମିଷ୍ଠ ହୁଏ। ସେଥିପାଇଁ ଏହା ହେଉଛି ନବଦିନ ଯାତ୍ରା। ତେଣୁ ଦଶମୀ ଏକାଦଶୀ ଦିନ ରଥରେ ରହି ଦ୍ୱାଦଶୀ ଦିନ ଶ୍ରୀମନ୍ଦିରକୁ ବିଜେ କରନ୍ତି।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ
ସେକ୍ଟର-୮, ସିଡିଏ, କଟକ

# କାଦୋ ପଚପଚ ନବ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ: ଲୋକେ ହନ୍ତା ସନ୍ତ

ଲାଞ୍ଜିଗଡ (ମହାଭାରତ)ରାସ୍ତା ପାଇଁ ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ ପାରେ ସ୍ୱାଧୀନତାର ଦଶନ୍ଧି ଦଶନ୍ଧି ଅପେକ୍ଷା ପାରେ ଗାଁକୁ ରାସ୍ତା ଟିଏ ନିର୍ମାଣ ପାଇଁ ମଞ୍ଜୁ ହୋଇଥିଲା ଓ ରାସ୍ତା କାମ ମଧ୍ୟ ଚାଲିଥିଲା କ୍ଷ ରାସ୍ତା କାମ ଦେଖି ଅଞ୍ଚଳ ଲୋକେ ଖୁସି ବ୍ୟକ୍ତ କରିଥିଲେ ହେଲେ ଅଧା କାମ କରି ଠିକାଦାର କାମ ଛାଡି ଛୁ ମାରିବାରୁ ରାସ୍ତା କାମ ଏବେ ବନ୍ଦ ରହିଥିବା ବେଳେ ଅଞ୍ଚଳରେ ଅସନ୍ତୋଷ ଦେଖା ଯାଇଛି କ୍ଷ ଏହି ପରି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ଅନ୍ତର୍ଗତ ସଲପାଙ୍ଗ ଗାଁର ନବ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କଯୋଜନା ରାସ୍ତାରୁ କ୍ଷ ନବନିର୍ମିତ ରାସ୍ତା ବର୍ତମାନ ଅଧପନ୍ତରିଆ ଭାବେ ଠିକାଦାର ଛାଡ଼ିଦେଇ ଥିବାରୁ ଅଳ୍ପ ବର୍ଷା ହେଲେ ରାସ୍ତା କାଦୁଅ ପଚ ପଚ ହୋଇ ଅତି ଶୋଚନୀୟ ହୋଇ ପଡିଛି କ୍ଷ ସୂଚନା ଅନୁସାରେ ୨୦୨୪-୨୫ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ବଡ଼ମ୍ବା ଛକ ଠାରୁ ସଲପାଙ୍ଗ ଦେଇ ପଛକୁଳ ଛକ ପର୍ଯ୍ୟନ୍ତ ହାରାହାରି ୧୦ କିମି ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା ଓ ଅନେକ ସ୍ଥାନରେ ପୋଲ, ଗାଡ଼ୱାଲ, ଡଷ୍ଟ ସମେତ ବଣ୍ଡମ୍ବା ଛକ ରୁ ସଲପାଙ୍ଗ ପୋଲ ପର୍ଯ୍ୟନ୍ତ ପିଚୁ ପଡ଼ି ସାରିଥିଲା ହେଲେ ଠିକାଦାର କୌଣସି କାରଣରୁ ରାସ୍ତା ଅଧପନ୍ତରିଆ କାମକରି ଛାଡି ଛାଡି ଦେଇଥିବାରୁ ଅଳ୍ପ ବର୍ଷା ହେଲେ କାଦୁଅ ପଚପଚ ହୋଇ ଯାଉଛି ଯାହାଫଳରେ ଯାନବାହାନ ଯାତାୟାତ ତୋ ଦୂରର କଥା ଲୋକେ ପାଦରେ ଚାଲିଯିବାପାଇଁ ମଧ୍ୟ ମୁସ୍କିଲ ହୋଇ ପଡୁଛି ବୋଲି ଗ୍ରାମ ବାସି ପ୍ରକାଶ କରୁଛନ୍ତି କ୍ଷ ତ୍ଵେ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପ୍ରସନ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟର ସମାଧାନ କରିବାକୁ ସାଧାରଣ ରେ ଦାବି ହେଉଛି କ୍ଷ ।

## ଜନପ୍ରତିନିଧିଙ୍କୁ ଅଣଦେଖା: ଲୋକଙ୍କ ପ୍ରଶ୍ନ ବାଣରେ ଶିକାର ହେଲେ କନ୍ଧମାଳ ସାଂସଦ

ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ମଙ୍ଗଳବାର ଦିନ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏବଂ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବା ପାଇଁ ଥିବା ରାସ୍ତାକୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ଥିଲା କିନ୍ତୁ ଫଳକରେ ବ୍ଲକ ଅଧକ୍ଷା, ଜିଲ୍ଲାପରିଷ ସଭ୍ୟ ସମେତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ନାଁ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ଦୁଇଟି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ମଧରୁ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରଡ଼ାପଲ୍ଲୀ ଠାରୁ କୁଶୁବିଡ଼ା ରାସ୍ତାକୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଥିଲା। ସେଠାରେ କନ୍ଧମାଳ ସାଂସଦ ଓ ଦଶପଲ୍ଲା ବିଧାୟକ ପହଞ୍ଚିବା ପୂର୍ବରୁ ଫଳକରେ ଜନପ୍ରତିନିଧି ଙ୍କ ନାଁ ନଥିବାରୁ ସ୍ଥାନୀୟ ଜନସାଧାରଣ ଫଳକ ଭାଙ୍ଗି ଦେଇଥିଲେ। ଅବଶିଷ୍ଟ ଫଳକ ସାଂସଦ ଓ ବିଧାୟକ ଏବଂ ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତରେ ଭାଙ୍ଗି ଦିଆଯାଇଥିଲା। ଭଙ୍ଗା ଫଳକକୁ ଶୁଭ ଦେଇଥିଲେ ସାଂସଦ। ପୂର୍ବ ସରକାର ସମୟରେ ଫଳକରେ ସମସ୍ତ ଙ୍କ ଜନପ୍ରତିନିଧି ନାମ ରହୁଥିବା ବେଳେ ବର୍ତ୍ତମାନ ବିଜେପି ସରକାର ସମୟରେ କାହିଁକ ଫଳକରେ ଜନପ୍ରତିନିଧି ଙ୍କ ନାଁ ରହିଲା ନାହିଁ ତାହା ସମସ୍ତ ଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜନପ୍ରତିନିଧି ଙ୍କୁ ଅଣଦେଖା କରିବା ସହ ସେମାନଙ୍କ ନାଁ କାହିଁକି ରହିଲା ଅଞ୍ଚଳବାସୀ ପ୍ରଶ୍ନ ପଚାରିବାରୁ ଉତ୍ତର ରଖି ପାରିନଥିଲେ ସାଂସଦ ଫଳରେ ଲୋକଙ୍କ ପ୍ରଶ୍ନ ବାଣରେ ଶିକାର ହେବାକୁ ପଡିଥିଲା ସାଂସଦ ଙ୍କୁ ।ଯାହାକି ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ନୂଆଗାଁ ବ୍ଲକରେ ଫଳକଭଙ୍ଗାକୁ ନେଇ ରାଜନୀତି ଉଷ୍ମତା ଦେଖାଦେଇଛି। ସେହିପରି ଦୁରୁଦୁରା ପଞ୍ଚାୟତ ଅନ୍ତର୍ଗତ ବନମାଳୀପୁର ଠାରୁ ଭାଟସାହି ରାସ୍ତାକୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଯାଇଥିବା ବେଳେ ସେଠାରେ ସ୍ଥାନୀୟ ସରପଞ୍ଚ ସାଂସଦ ଙ୍କୁ ବିରୋଧ କରିଛନ୍ତି ।ଆଗାମୀ ଦିନରେ ନୂଆଗାଁ ବ୍ଲକରେ ରାଜନୀତି ବାତାବରଣ କେଉଁ ମୁଡ଼ ନେବ ତାହା ଦେଖିବାକୁ ବାକି ରହିଲା।

## ଚଳିତ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଆଜି ରଥରେ ନୀଳ ଚକ୍ର ଲାଗିବା ସହ ବାନା ଲାଗିଲା

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ରଥଯାତ୍ରା ନିମନ୍ତେ ବୈଠକ ସହ କମିଟି ଗଠନ କରାଯାଇ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ।ଜିଲ୍ଲା ପ୍ରଶାସନର ସହଯୋଗରେ ଏହି ରଥଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହେଉଛି ।ରଥଯାତ୍ରା ସକାଶେ ରଥ ନିର୍ମାଣ କମିଟିର ତତ୍ତ୍ୱାବଧାନରେ ରଥ ନିର୍ମଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ତିନୋଟି ରଥ ନିର୍ମାଣ ହେଉଛି ।ପାର୍ଶ୍ୱ ଦେବାତା,ଘୋଡ଼ା, ଶୁଆ କଣ୍ଢେଇ, ଠାକୁରଙ୍କର ଅବତାର ପ୍ରଭୃତି ବିଭିନ୍ନ ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ ହେଉଛି ।ଚିତ୍ରକାରମାନେ ଚିତ୍ର ଆଙ୍କୁଛନ୍ତି ରଥ ରେ ସୁ ସଜିତ କରାଯାଇଛି ତତ୍ ସଙ୍ଗେ ସଙ୍ଗେ ରଥ ସମୁଖ ରେ ଚିତ୍ର ଆଙ୍କି ଛନ୍ତି ସୁନ୍ଦର ଭାବେ ।ଆଜି ରଥରେ ନୀଳ ଚକ୍ର ଲାଗିବ ସହ ବାନ। ଲାଗିଛି କାଲିକୁ ଠାକୁରଙ୍କର ନେତ୍ରୋତ୍ସବ ଓ ନବ ଯୌବନ ଦର୍ଶନ କରିବେ ଭକ୍ତ ରଥଯାତ୍ରା ସକାଶେ ଚଳଚଞ୍ଚଳ ହୋଇ ପଡିଛି ପାରଳା ସହର।

## ୮୦ରୁ ଉର୍ଦ୍ଧ ଗୋରୁ ଓ ୧୪ଚକିଆ ଗାଡ଼ି ଜବତକଲା ବଡଚଣା ପୋଲିସ

ବଡ଼ଚଣା( ମହାଭାରତ)ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ଗୁରୁବାର ବିଳମ୍ବିତ ରାତ୍ରରେ କୁନ୍ଦଳ ପଞ୍ଚାୟତ ନିକଟ ୫୩ ରାଜପଥ ଉପରେ ୧୪ଚକିଆ ଗୋରୁ ଗାଡ଼ି ଯାଉଥିବା ବଡଚଣା ପୋଲିସ କୁ ଖବର ମିଳିଥିଲା ।ପୋଲିସ ପକ୍ଷରୁ ଜୋରଦାର ଚଢାଉ କରାଯାଇଥିଲା ।ଚଢାଉ ସମୟରେ ୧୪ ଚାକିଆ ଗାଡ଼ିଟି ସଂପୂର୍ଣ୍ଣ ଭାବେ ବିପରୀତ ରାସ୍ତାରେ ଖସି ପଳାଇବା ପାଇଁ ଚେଷ୍ଟା କରୁଥିଲା, ବିଫଳ ହେବା ପରେ ଡ୍ରାଇଭର ଶ୍ରୀରାମ ଟୋଲ୍ ଗେଟ୍ ନିକଟ ପୋଲିସ ହାତରେ ଧରା ପଡ଼ିଲା ଗାଡ଼ି ନମ୍ବର ଓଡି ୩୪-ଟି ୩୪୫୩ ।ପୋଲିସ ଗାଡି କୁ ଜବତ କରିବା ସହ ସାମାନ୍ୟ ଆହାତ ହୋଇଥିବା ଡ୍ରାଇଭର କୁ ପ୍ରଥମେ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ମେଡ଼ିକାଲ କୁ ପଠାଇ ଦିଆଯାଇଛି ।ଏହି ଘଟଣାରେ ଜଣେ ଅଭିଯୁକ୍ତ ଫେରାର ହେବାରେ ସକ୍ଷମ ହୋଇଛି ।ତେବେ ଗାଡ଼ି ଥିବା ଗୋ ମାତାଙ୍କୁ ପ୍ରଥମେ ଛତିଆ ନିକଟ ଗୋଶାଳା ନିଆଯାଇଥିଲା ସେଠାରେ ଜାଗା ନଥିବାରୁ କଟକ ଜିଲ୍ଲା ଚୌଦ୍ୱାର ଥିବା ଗୋଶାଳା ରେ ଗୋ ମାତାଙ୍କୁ ଛଡା ଯାଇଥିଲା।



# ଅର୍ନ୍ତଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ପାଳିତ

ପାରଳାଖେମୁଣ୍ଡି,ତା.୨୬.୦୬.୨୦୨୫ ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ, ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ୨୦୨୫ ପାଳିତ ହୋଇଯାଇଛି । ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରଦୀପ କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମାଧବନନ୍ଦ ନାୟକ, ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମହମ୍ମଦ ମୁବାରାକ୍ ଅଲ୍ଲୀ ଓ ବ୍ରହ୍ମ କୁମାରୀ ସୁଜାତା ଭଉଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇଥିଲେ। ଜିଲ୍ଲା ସାମାଜିକ



ସୁରକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଗଜପତି ଜିଲ୍ଲାର ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ ସୁସ୍ଥ ଓ ସଫଳ ଜୀବନଯାପନ କରୁଥିବା ଗୁମ୍ମା ବ୍ଲକର କୃଷ୍ଣଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବ୍ରହ୍ମକୁମାରୀ ଶାଖା, ପାରଳାଖେମୁଣ୍ଡିର ଭାଇ ଓ ଭଉଣୀ ମାନେ ଓ ଗଜପତି ଜିଲ୍ଲାର ଟାଲେଣ୍ଟ ଡାନ୍ସ ଦଳର କଳାକାରମାନେ ସଚେତନତାମୂଳକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ସକାଳ ୬.୩ ମିନିଟ୍ ସମୟରେ ସହରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ଥାନୀୟ ଜନତା, ସରକାରୀ ଓ ବେସରକାରୀ କର୍ମଚାରୀଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପର୍ଯ୍ୟନ୍ତ କରାଯାଇଥିଲା । ଏହି ସଚେତନତା ପଦ ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନି ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କୁ ପ୍ରତିଶ୍ରୁତି ଦେଇ କଥା ରଖିଲେ ଜିଲ୍ଲାପାଳ

ରାଇରଙ୍ଗପୁର, (ମହାଭାରତ) : ମୟୂରଭଂଜ ଜିଲ୍ଲାର ଦିତୀୟ ସର୍ବବୃହତ୍ତମ ସହର ହେଉଛି ରାଇରଙ୍ଗପୁର ସହର ।ଏହାର ଲୋକ ସଂଖ୍ୟା ୬୦ ହଜାରରୁ ଉର୍ଦ୍ଧ୍ୱ ।ଏହା ଓଡ଼ିଶାର ସିମାନ୍ତ ସହର ।ଦୈନିକ ୨୫୦ ରୁ ଉର୍ଦ୍ଧ୍ୱ ବସ ଚଳାଚଳ କରୁଛି ।ଦୈନିକ ଲକ୍ଷାଧିକ ଲୋକ ସରକାରୀ ,ବେସରକାରୀ,ବେପାର ବାଣିଜ୍ୟ,ଶିକ୍ଷା ପ୍ରତିଷ୍ଠାନକୁ ରାଇରଙ୍ଗପୁର ସହରକୁ ଆସନ୍ତି । ପଡୋଶୀ ସୀମାରେ ଅଛି ଝାରଖଣ୍ଡ ରାଜ୍ୟ ଓ ପଶ୍ଚିମବଙ୍ଗ ।ଏହା ମଧ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ସାଂସଦ ନବ ଚରଣ ମାଝୀଙ୍କ ନିବାସ ସ୍ଥଳ ।ସିମାନ୍ତକୁ ନଦୀ,ନାଳ,ଜଙ୍ଗଲ ଘେରିଛି ।ଏହି ସହରର ଭୌଗଳିକ ଦୃଷ୍ଟିରୁ ଝାଡ଼ଖଣ୍ଡ ରାଜ୍ୟର ଲୁଟେରା,ଅସାମାଜିକ ଲୋକ,ଗୋ ମାଫିଆ,ଡ୍ରଗ୍ସ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏହି ସହର ଉପରେ ପଡ଼ିଛି । ଅଧିକାଂଶ ସମୟରେ ଡକାୟତି, ହତ୍ୟା, ଲୁଟେରା,ଛିନତାଇ ଘଟି ଚାଲିଛି । ତଦସହ ୨୨୦ ନମ୍ବର ଜାତୀୟ ରାଜପଥ ବିଜୟୱାଡା- ରାଞ୍ଚି ଯାଇଛି । ଦୈନିକ ଶହ ଶହ ଲୌହ ପଥର ବୋଝେଇ ଟ୍ରକ ବାହାର ରାଜ୍ୟକୁ ଏହି ସହର ଦେଇ ଯାଉଛି ।ସବୁବେଳେ ଦୁର୍ଘଟଣା ଘଟୁଛି ।ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ।ଏହି ସବୁ ସାମୁହିକ ସମସ୍ୟା ନେଇ ,ାମନଘାଟୀ ସାମ୍ବାଦିକବୃନ୍ଦ ବାରମ୍ବାର ଜିଲ୍ଲାପାଳମାନଙ୍କୁ ଜନ ଶୁଣାଣୀ ରେ ଲିଖିତ ଦାବି ବର୍ଷେ ହେଲା ପ୍ରଦାନ କରି



ଆସୁଛନ୍ତି ।ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ଖୁବ୍ ଶିଘ୍ର ରାଇରଙ୍ଗପୁର ସହରରେ ସିସି କେମେରା ଲାଗିଯିବ ,ଅପେକ୍ଷା କର ।ରଥଯାତ୍ରା କମିଟିରେ ମଧ ଆଇନ ଶୃଙ୍ଖଳା ପାଇଁ ଉପ ଜିଲ୍ଲାପାଳଙ୍କୁ ସିସି କେମେରା ଲଗାଯିବା ପାଇଁ ଅନୁରୋଧ କରିଥିଲେ ସାମ୍ବାଦିକମାନେ ।କଥା ଦେଇ ଜିଲ୍ଲାପାଳ ହେମକାନ୍ତ ସୟ କଥା ରଖିଛନ୍ତି ।ଆଜି ରାଇରଙ୍ଗପୁର ସହରର ବିଭିନ୍ନ ସ୍ଥାନରେ ସିସି କେମେରା ଲଗା ଆରମ୍ଭ ହୋଇ ଯାଇଛି ।ସବୁକିଛି କେମେରା ଦେଖିବ ।ଅପରାଧ ମାତ୍ରା ନିଶ୍ଚିତ କମିବ ।ରାଇରଙ୍ଗପୁର ରେ ରଥଯାତ୍ରା ଥିଯହିତ ପୂର୍ବରୁ ସିସି କେମେରା ଲଗାଯିବା ନେଇ ,ାମନଘାଟୀ ସାମ୍ବାଦିକ ବଂଧୁ ମାନେ ଜିଲ୍ଲାପାଳ ହେମକାନ୍ତ ସୟ,ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ,ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଦୁନାଥ ଯେନା,ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କୁ ସାମ୍ବାଦିକଙ୍କ ଦାବିକୁ ସମ୍ମାନ ଜଣାଇ ତୁରନ୍ତ ପଦକ୍ଷେପ ନେଇଥିବାରୁ କୃତଜ୍ଞତା ଜଣାଇଛନ୍ତି ।

## ଗୋପାଳକୃଷ୍ଣ ଜୟନ୍ତୀ ପାଳନ

ପାରଳାଖେମୁଣ୍ଡି (ମହାଭାରତ) : ଆଜି ପୂର୍ବାହ୍ନରେ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ରୀତିଯୁଗର ଶ୍ରେଷ୍ଠ ଗୀତି କବି କଳହଂସ ଭକ୍ତକବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ୨୪୨ତମ ଜୟନ୍ତୀ ଉତ୍ସବ ସ୍ଥାନିୟ ଉତ୍କଳ ହିତେଷିଣୀ ସମାଜ ସଭାଗୃହରେ ପାଳିତ ହୋଇସାରିଛି। ପାରଳାର କିମ୍ବଦନ୍ତୀ ପୁରୁଷ, ଏମାଟିର ଅମ୍ଳାନ ପ୍ରତିଭାଧର ଓଡ଼ିଶା ଇତିହାସର ଅଦ୍ୱିତୀୟ ମନି ଶୀ ଗୋପାଳକୃଷ୍ଣଙ୍କ ପଦାବଳୀ କାଳଜୟୀ ବୋଲି ବକ୍ତା ମାନେ କହିଥିଲେ। ପ୍ରାତଃ ସମୟରେ ଗୋପାଳକୃଷ୍ଣ ପାଠାଗାର ସ୍ଥିତ ଗୋପାଳକୃଷ୍ଣ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭା ପ୍ରାରମ୍ଭରେ ରାଜେନ୍ଦ୍ର କୁମାର ରଥ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମୁଖ୍ୟ ଅତିଥି ଭାବେ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ,ମୁଖ୍ୟ ବକ୍ତା ଭାବେ ମନୋଜ କୁମାର ପଟ୍ଟନାୟକ,ସମ୍ମାନିତ ଅତିଥି ଭାବେ ଅର୍ଚ୍ଚନା ମଙ୍ଗରାଜ,ସମ୍ମାନିତ ବକ୍ତା ଭାବେ ଇଁ ଶ୍ୱେତକ୍ଷ ପଟ୍ଟନାୟକ ଓ ବ୍ରଜାନନ୍ଦ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା ସଂପାଦକୀୟ ବିବରଣୀ ପାଠ କରିଥିଲେ ।ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କବିଙ୍କର ବର୍ଣ୍ଣନା ଗିତ ବର୍ଣ୍ଣନା କରିଥିଲେ।

# ସହରାଞ୍ଚଳରେ ଆଣ୍ଠେଇଛି ଆବାସ ଯୋଜନା : ଏନ୍ଏସି ଓ ପୌର ପରିଷଦରେ ମାତ୍ର ଦୁଇ ହଜାର ଆବେଦନକାରୀ

ନୟାଗଡ଼, (ମହାଭାରତ) : ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯେପରି ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ, ଏ ନେଇ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାତ୍ର ସହରାଞ୍ଚଳରେ ଏହି ଯୋଜନାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁନି। କଟକ ସାଂସଦ ଡ. ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକରେ ଏ ନେଇ ଗଭୀର ଉଦ୍ ?ବେଗ ପ୍ରକାଶ ପାଇଥିଲା। ଜିଲ୍ଲାର ୪ଟି ଏନ୍ଏସି ଓ ଗୋଟିଏ ପୌର ପରିଷଦରେ ବର୍ତ୍ତମାନ ସୁଦ୍ଧା ମାତ୍ର ଦୁଇ ହଜାର ଆବେଦନକାରୀ ରହିଥିବାରୁ, ଯୋଜନାରେ ସାମିଲ ହେବା ପାଇଁ ହିତାଧିକାରୀଙ୍କୁ ଅଧିକ ସଚେତନ କରିବା ଆବଶ୍ୟକ ?ତା ରହିଛି ବୋଲି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କେବଳ ସେତିକି ନୁହେଁ, ଏତେ କମ୍ ସଂଖ୍ୟାରେ ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଛିବା ପାଇଁ ମଧ ବିଭାଗ ପକ୍ଷରୁ ସେତେଟା ତତ୍ପରତା ପ୍ରକାଶ ପାଉ ନାହିଁ। ନୟାଗଡ଼ ଜିଲ୍ଲାରେ ୪ଟି ଏନ୍ ?ଏସି ଦଶପଲ୍ଲା, ଖଣ୍ଡପଡ଼ା, ଓଡ଼ଗାଁ ଓ ରଣପୁର ଏବଂ ଗୋଟିଏ ପୌର ପରିଷଦ ନୟାଗଡ଼ ରହିଛି। ଦଶପଲ୍ଲା ଏନ୍ ?ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ବର୍ତ୍ତମାନ ସୁଦ୍ଧା ୬୬୨ ଜଣ ଆବେଦନକାରୀ ରହିଥିବା ବେଳେ ଖଣ୍ଡପଡ଼ାରେ ୩୮୮ ଜଣ, ନୟାଗଡ଼ ପୌର ପରିଷଦରେ ୨୯୧ ଜଣ, ଓଡ଼ଗାଁରେ ୨୮୧ ଜଣ ଓ ରଣପୁର ଏନ୍ ?ଏସିରେ ୪୮୯ ଜଣ ମିଶାଇ ସହରାଞ୍ଚଳରେ ମୋଟ୍ ୨,୧୧୧ ଜଣ ହିତାଧିକାରୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏହି ଆବେଦକାରୀଙ୍କୁ ଯାଞ୍ଚ କରାଯାଇ ଦଶପଲ୍ଲାରେ ୨୯୫ ଜଣ ଯୋଗ୍ୟ ହିତାଧିକାରୀ, ଖଣ୍ଡପଡ଼ାରେ ୧୦୬ ଜଣ ନୟାଗଡ଼ରେ ୧୦୨ ଜଣ, ଓଡ଼ଗାଁରେ ମାତ୍ର ୧୮ ଜଣ ଓ ରଣପୁର ଏନ୍ଏସିରେ ୮୨ ଜଣଙ୍କୁ ଯୋଗ୍ୟ ବୋଲି ଦର୍ଶାଯାଇଛି। ଓଡ଼ଗାଁ ଓ ରଣପୁର ଏନ୍ଏସିରେ ଆବାସ ଯୋଜନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଯୋଗୁଁ ଯାଞ୍ଚ ପ୍ରକ୍ରିୟା ବେଶ୍ ଧୀମେଇ ଯାଇଥିବା ଜଣାପଡ଼ିଛି। ଏଣୁ ଏହାକୁ ନେଇ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ପ୍ରତ୍ୟେକ ସାତ ଦିନରେ ଏ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ହିତାଧିକାରୀ ମାନେ ବର୍ତ୍ତମାନ ଆବେଦନ କରିବା ପ୍ରକ୍ରିୟା ସମ୍ପର୍କରେ ଜାଣୁ ନାହାନ୍ତି। ଏହି ୨,୧୧୧ ଜଣ ଆବେଦନକାରୀଙ୍କ ମଧ୍ୟରୁ ପଞ୍ଚାୟତରେ ରହୁଥିବା ୨୬୮ ଜଣ ହିତାଧିକାରୀ ଭୁଲରେ ଆବେଦନ କରିଛନ୍ତି। ଫଳରେ ସେମାନଙ୍କୁ ମଧ ଏହି ତାଲିକାରୁ ବାଦ୍ ଦିଆଯାଇଛି। ଏଣୁ ଆବେଦନ ସଂକ୍ରାନ୍ତରେ ହିତାଧିକାରୀଙ୍କୁ ନେଇ ଏକାଧିକ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବା ଆବଶ୍ୟକ ?ତା ରହିଛି ବୋଲି ସାଧାରଣରେ ଦାବି ହୋଇଛି। ଏ ନେଇ ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କହିଛନ୍ତି ଯେ, ଗତ ୬ ତାରିଖରେ ବେବର୍ତ୍ତାପଲ୍ଲୀ କଲ୍ୟାଣ ମଣ୍ଡପରେ ଆବାସ ଯୋଜନା ସଂକ୍ରାନ୍ତରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଆବେଦନ କରିବାକୁ ଥିବାରୁ ହିତାଧିକାରୀଙ୍କୁ ତୁରନ୍ତ ଏ ଦିଗରେ ତତ୍ପର ହେବାକୁ ପରାମର୍ଶ ଦିଆଯାଇଛି। ଏହାସହ ପୌର ପରିଷଦ କାର୍ଯ୍ୟାଳୟରେ ଥିବା ଅଧିକାରୀଙ୍କୁ ସେମାନଙ୍କୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଓଡ଼ଗାଁ ଏନ୍ଏସି ନିର୍ବାଚନ ନେଇ ପ୍ରଶାସନର ପଦକ୍ଷେପ : ୧୫ ୱାର୍ଡ ପାଇଁ ପୂର୍ବ ତାଲିକା ବଳବତ୍ତର

ଓଡ଼ଗାଁ, (ମହାଭାରତ) : ଓଡ଼ଗାଁ ଏନ୍ଏସି ନିର୍ବାଚନ ଆଉ କିଛି ମାସ ପରେ ଆରମ୍ଭ ହେବ। ଏଥିପାଇଁ ୧୫ଟି ୱାର୍ଡ ତାଲିକା ପ୍ରକାଶ ପାଇବା ପରେ ଆସନକୁ ନେଇ ଅଭିଯୋଗ ଉଠିଥିଲା। କିନ୍ତୁ ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୂର୍ବ ଭଳି ଆସନ ବଳବତ୍ତର ଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦି କେହି ଆସନକୁ ନେଇ ଆପତ୍ତି ଉଠାଇବାକୁ ଚାହାନ୍ତି ତେବେ ରାଜ୍ୟ ସରକାରଙ୍କ ପାଖରେ ଅଭିଯୋଗ କରିପାରିବେ ବୋଲି ଏନ୍ଏସି ପକ୍ଷରୁ କୁହାଯାଇଛି। ପୌର ସଂଶୋଧନ ଆଇନ ୨୦୨୨ ଅନୁଯାୟୀ ପୂର୍ବ ବିଜ୍ଞପ୍ତି ନଂ ୮୦୧ ରେ ମେ ୧୯ ରେ ପ୍ରକାଶିତ ଆସନ ସଂରକ୍ଷଣର ପ୍ରତ୍ୟାହାର ଓ ସଂଶୋଧିତ ଆସନ ସଂରକ୍ଷଣ ପ୍ରକାଶ ପାଇଛି। ପୂର୍ବ ବିଜ୍ଞପ୍ତିରେ ଏନ୍ ?ଏସି




ନିର୍ବାଚନ ପରିଚାଳନା ପାଇଁ ଆସନ ସଂରକ୍ଷଣ ସମ୍ବନ୍ଧୀୟ ବିବରଣୀରେ ବିସିସି ବର୍ଗ ସଂରକ୍ଷଣ ବର୍ଗକୁ ବାଦ୍ ଦିଆଯାଇଛି। ଏଥିରେ ହୋଇଥିବା ତ୍ରୁଟିକୁ ଉପଲବ୍ଧ କରି ସଂଶୋଧିତ ଆଇନ ଅନୁଯାୟୀ, ଆସନ ସଂରକ୍ଷଣ କରାଯିବା ସହ ପୂର୍ବ ପରି ୱାର୍ଡ ସୀମା ନିର୍ଦ୍ଧାରଣ ଅକ୍ଷୁର୍ଣ୍ଣ ରହିବ ବୋଲି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏଣୁ ଜନସାଧାରଣ ଚଳିତ ମାସ ୧୪ ତାରିଖ ମଧ୍ୟରେ ଆପତ୍ତି ଓ ପରାମର୍ଶ ଦାଖଲ କରିପାରିବେ ବୋଲି ନୋଟିସ ଜାରି କରାଯାଇଥିଲା। ପଛୁଆ ବର୍ଗକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଥିଲା। ଜିଲ୍ଲା ପ୍ରଶାସନ ଏହାର ପୁନର୍ବିଚାର କରି ପୂର୍ବ ଭଳି ୱାର୍ଡ ଗୁଡ଼ିକୁ ବଳବତ୍ତର ରଖିଛନ୍ତି। ଯଦି କେହି ଅଭିଯୋଗ କରନ୍ତି ତେବେ ସରକାରଙ୍କ ପାଖରେ ଅଭିଯୋଗ କରିପାରିବେ ବୋଲି ଜିଲ୍ଲାପାଳଙ୍କ ଅର୍ଡର ସଂଖ୍ୟା ୧୦୦୭ଅନୁଯାୟୀ ଜଣାଇ ଦିଆଯାଇଛି ବୋଲି ଓଡ଼ଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ୱାର୍ଡ-୧ ଅଣସଂରକ୍ଷିତ, ୱାର୍ଡ-୨ ଅଣସଂରକ୍ଷିତ, ୱାର୍ଡ-୩ ମହିଳା, ୱାର୍ଡ-୪ ମହିଳା, ୱାର୍ଡ-୫ ଅଣସଂରକ୍ଷିତ, ୱାର୍ଡ-୬ ଅଣସଂରକ୍ଷିତ, ୱାର୍ଡ-୭ ଅନୁସୂଚିତ ଜାତି (ମହିଳା), ୱାର୍ଡ- ୮ ମହିଳା, ୱାର୍ଡ-୯ ଅନୁସୂଚିତ ଜନଜାତି (ମହିଳା), ୱାର୍ଡ-୧୦ ଅଣସଂରକ୍ଷିତ, ୱାର୍ଡ-୧୧ ମହିଳା, ୱାର୍ଡ-୧୨ ମହିଳା, ୱାର୍ଡ-୧୩ ମହିଳା, ୱାର୍ଡ-୧୪ ଅଣସଂରକ୍ଷିତ ଓ ୱାର୍ଡ-୧୫ ଅଣସଂରକ୍ଷିତ ରହିଛି।

## ଉଭୟ ବ୍ଲକରେ ୪୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

ଅସ୍ତରଙ୍ଗ(ମହାଭାରତ): ଆଜି ଅସ୍ତରଙ୍ଗ ଓ କାକଟପୁର ବ୍ଲକ ରେ ମୋଟ ୪୦ କୋଟି ଟଙ୍କା ର ପ୍ରକଳ୍ପ ର ଶିଳାନ୍ୟାସ କରିଛନ୍ତି ଓଡିଶା ସରକାର ଙ୍କର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକ, କାକଟପୁର ବ୍ଲକ ରେ ୩ଗୋଟି ପ୍ରକଳ୍ପ ଯଥା କାକଟପୁର ରୁ ପାଟସୁନ୍ଦରପୁର ରାସ୍ତା ଯାହାର ର୍ଦିଘ୍ୟ ୫. ୪୨କି. ମି ଓ ପରିମାଣ ୭ କୋଟି ଓ ଅନ୍ୟ ଟି ଇନ୍ଦିରାବଜାର ଠୁ କନ୍ତିମାଳ ରାସ୍ତା ଯାହାର ର୍ଦିଘ୍ୟ ୩. ୩୦କି. ମି ଓ ପରିମାଣ ୩ କୋଟି ରହିଛି,୩ୟ ଟି ଓଥକା ଆନନ୍ଦ ବଜାର ରୁ ବାଙ୍ଗୁରୀ ଗାଁ ରାସ୍ତା ଯାହାର ର୍ଦିଘ୍ୟ ୨. ୭୫କିମି ଓ ପରିମାଣ ୩କୋଟି, ଠିକ ସେହିପରି ଅସ୍ତରଙ୍ଗ ବ୍ଲକ ରେ ମାଳଦା ମହାବିଦ୍ୟାଳୟ ଠୁ ଆଙ୍କୁଅ ଭାୟା



ଅମରାଲୁ, କଣ୍ଟାପଡା ରାସ୍ତା ଯାହାର ର୍ଦିଘ୍ୟ ୪. ୮୦କି. ମି ଓ ପରିମାଣ ୪କୋଟି, ଦ୍ୱିତୀୟ ଟି ବାଙ୍ଗୁରୀ ଗାଁ ରୁ ସିରେଇ ରାସ୍ତା ଓ ପ୍ରାଚୀ ସୂଉଚ୍ଚ ସେତୁ ର୍ନିମାଣ ଯାହାର ପରିମାଣ ୨୩ କୋଟି ରହିଛି, ସମୁଦାୟ ୪୦ କୋଟି ଟଙ୍କା ପ୍ରକଳ୍ପ ର ଶିଳାନ୍ୟାସ କରାଯାଇଛି। ବିଭାଗୀୟ ମନ୍ତ୍ରୀ ଓ ଜଗତସିଂହପୁର ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ ପ୍ରଥମେ କାକଟପୁର ବ୍ଲକ ଛକ ରେ ପହଞ୍ଚିଥିଲେ ସେଠି କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଓ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠି ଓ ସେମାନଙ୍କ କର୍ମୀ ମାନ୍ୟବର ମନ୍ତ୍ରୀ ଓ ସାଂସଦ ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଏକ ପଟୁଆର ପଦଯାତ୍ରା ରେ ଶିଳାନ୍ୟାସ ସ୍ଥାନ କୁ ପାଛୋଟି ଆଣିଥିଲେ। ତତ୍‌ପରେ ମନ୍ତ୍ରୀ ଓ ସାଂସଦ ଅସ୍ତରଙ୍ଗ ମହାବିଦ୍ୟାଳୟ ପରିସରରେ ରେ ପହଞ୍ଚି ଥିଲେ। ସେଠି ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ, ସାଂସଦ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ବିଜେପି ମଣ୍ଡଳ ସଭାପତି ଇନ୍ଦ୍ରମଣୀ ଜେନା, ପୂର୍ବତନ ନିମାପଡା ବିଧାୟକ ବାଇଧର ମଲ୍ଲିକ ଓ ଅନେକ ସରପଞ୍ଚ, ସମିତି ସଭ୍ୟ ମାନେ ବାଜା ବାଣ ଫୁଟାଇ ଅତିଥି ମାନଙ୍କୁ ଶିଳାନ୍ୟାସ ସ୍ଥାନ କୁ ପାଛୋଟି ଆଣିଥିଲେ। ଏଠି ମାନ୍ୟବର ମନ୍ତ୍ରୀ ଓ ସାଂସଦ ନାରିକେଳ ଭାଙ୍ଗି ଅନ୍ୟ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିବା ସହିତ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଅଞ୍ଚଳବାସି ଙ୍କୁ ସରକାର ଙ୍କ ବିକାଶ ଓ ଅସ୍ତରଙ୍ଗ କାକଟପୁର ର ସମସ୍ତ ଉତ୍ତୀତ କାର୍ଯ୍ୟ ମୋହନ ସରକାର ଙ୍କ ଶାସନ ରେ ଯାହା ହେବ ସବୁ ନିଜ ଭାଷଣ ରେ ଉଦବୋଧନ ଦେଇଥିଲେ,ପୂର୍ବତନ ସରକାର ଙ୍କ କାର୍ଯ୍ୟ ପରେ ଏବେ ଡବଲ ଇଞ୍ଜିନ ସରକାର କଥା ରେ ନୁହେଁ କାମ ରେ କରି ଦେଖାଇବ ବୋଲି ମନ୍ତ୍ରୀ ସଭା ରେ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭା ରେ ମାନ୍ୟବର ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ମୁଖ୍ୟ ବକ୍ତା, ଓ ଅନ୍ୟ ସମ୍ମାନୀୟ ଅତିଥି ମାନଙ୍କ ଭିତରେ ନିମାପଡା ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ ଓ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା ଯୋଗ ଦେଇଥିଲେ, ଏହି ସଭା ଶେଷ ରେ ଅସ୍ତରଙ୍ଗ ଅଞ୍ଚଳ ର କିଛି ହିତାଧିକାରୀ ଙ୍କୁ ମନ୍ତ୍ରୀ ଓ ସାଂସଦ ଙ୍କ ହାତରେ ରାସନ କାର୍ଡ ମଧ ବଣ୍ଟା ଯାଇଥିଲା ।

## ଆଜି ନେତ୍ର ଉତ୍ସବ ଓ ନବ ଯୌବନ ଦର୍ଶନ



ଆସିକା (ମହାଭାରତ): ଦୀର୍ଘ ପନ୍ଦର ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଅଣସର ନୀତି ପରେ ନବ ଯୌବନ ଦର୍ଶନ ପାଇଲେ ଭକ୍ତ ମାନେ । ଆଜି ପ୍ରାତଃ ସମୟରୁ ପୂଜା ପଣ୍ଡା ମାନେ ମନ୍ଦିର ପ୍ରବେଶ କରି ଅବକାଶ, ମଇଲମ, ମଙ୍ଗଳ ଆରତୀ ଆଦି ଗୁପ୍ତ ପୂଜା ନୀତି ଅନୁଷ୍ଠିତ କରିଥିଲେ । ମନ୍ଦିର ପଣ୍ଡିତ ମାନଙ୍କ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତି କୁ ନେତ୍ର ଉତ୍ସବ ନିମନ୍ତେ ବରୁଣ ପୂଜା, ସୂର୍ଯ୍ୟ ପୂଜା,ଉପଚର ପୂଜା,ହୋମ ଆରତୀ, ଆଳଟ, ଚାମର, ଘଣ୍ଟ, ଶଙ୍ଖ, କାହାଳି, ତୁରୀ ବାଦ୍ୟ ବାଜଣା ରେ ପୂଜା ପାଠ ସମ୍ପୂର୍ଣ ହେବା ପରେ ଭକ୍ତ ମାନଙ୍କୁ ନବ ଯୌବନ ଦର୍ଶନ, ପ୍ରଭୁ ଙ୍କ ଆରତୀ, ଦେଖିବା ସୁଯୋଗ ମିଳିଥିଲା । ସର୍ବ ପୁରାତନ ଆସିକା ସୁନାମ୍ବ ସାହି ରେ ବିଜେ ଜଗନ୍ନାଥ ମନ୍ଦିର,ଲାଲଗୋର୍ଜି ଛକ, ମୁନି ସାହି, ଖମ୍ବେଶ୍ୱରୀ ପାଟଣା, ଚିନି ଶିଳ୍ପ ନୂଆଗାଁ, କାଳଷଣ୍ଢପୁର, ନଳବା, ଜୟ ପୁର, ସିଦ୍ଧନଇଗ୍ରାମ ସମେତ ଅନେକ ଜଗନ୍ନାଥ ମଠ, ମନ୍ଦିର ମାନଙ୍କ ରେ ନେତ୍ର ଉତ୍ସବ ଓ ନବ ଯୌବନ ଦର୍ଶନ କାର୍ଯ୍ୟ ଶେଷ ହୋଇଛି ।

## ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ରାଜ୍ୟ ପୁରସ୍କୃତ ଶିକ୍ଷକ ଶୂନ୍ୟ ହସ୍ତରେ ଅବସର ନେଲେ




ଆର-ଉଦୟଗିରି (ମହାଭାରତ): ଗୁରୁବାର ଦିନ ରା ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ରାଜ୍ୟ ପୁରସ୍କୃତ ହିନ୍ଦୀ ଶିକ୍ଷକ ଶ୍ରୀ ସୁବାସ ଚନ୍ଦ୍ର ସାହୁ ଅବସର ଗ୍ରହଣ କରିଛନ୍ତି । ଏହି ବିଦ୍ୟାଳୟଟି ୧୯୯୩ ମସିହାରେ ସ୍ଥାନୀୟ ଜନସାଧାରଣଙ୍କ ଉଦ୍ୟମରେ ସ୍ଥାପିତ ହୋଇ ବିଶିଷ୍ଟ ରାଜନୀତିଜ୍ଞ ସ୍ୱର୍ଗତଃ କାର୍ତ୍ତିକ ଗମାଙ୍ଗଙ୍କ ନାମରେ ନାମିତ ହୋଇଥିଲା । ବିଦ୍ୟାଳୟରେ ଶ୍ରୀ ସୁବାସ ଚନ୍ଦ୍ର ସାହୁ ପ୍ରଥମେ ହିନ୍ଦୀ ଶିକ୍ଷକ, ଲୋକନାଥ ନାହାକ ପ୍ରଧାନ ଶିକ୍ଷକ ଓ ଏସ ରାମାରାଓ ବିଜ୍ଞାନ ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ ଦୀର୍ଘ ଚାରି ବର୍ଷ ପରେ ଅର୍ଥାତ ୧୯୯୭ ମସିହାରେ ଅବଶିଷ୍ଟ ପଦବୀ ପୂରଣ ହୋଇଥିଲା ୧୯୯୩ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ବିନା ସରକାରୀ ଅନୁଦାନରେ ଶିକ୍ଷକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରି ଅନୁଷ୍ଠାନକୁ ବଞ୍ଚାଇଥିଲେ ୨୦୦୭ ରେ ସରକାରଙ୍କ ଠାରୁ ଆଂଶିକ ଦରମା ପାଇ ଆଶ୍ୱସ୍ତି ଅନୁଭବ କଲେ ଏବଂ ଆଜି ଶତପ୍ରତିଶତ ଦରମା ପାଉଛନ୍ତି ସତ କିନ୍ତୁ କୌଣସି ପ୍ରକାର ଚାକିରୀ ସର୍ତ୍ତାବଳି ନାହିଁ କି ପେନସନର ବ୍ୟବସ୍ଥା ମଧ୍ୟ ନାହିଁ । ଇତି ମଧ୍ୟରେ ବିଦ୍ୟାଳୟଟି ଅନୁଦାନ ପ୍ରାପ୍ତ ହୋଇ ମଧ୍ୟ ଜଣେ ରାଜ୍ୟ ପୁରସ୍କୃତ ଶିକ୍ଷକଙ୍କୁ ସୃଷ୍ଟି କରିପାରିଛି ସେ ହେଉଛନ୍ତି ଶ୍ରୀ ସୁବାସ ଚନ୍ଦ୍ର ସାହୁ ଓ ଜଣେ କୃତୀ ଛାତ୍ରୀ ଯିଏକି ଚଳିତ ଶିକ୍ଷା ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଇ୧ ରଖି ବିଦ୍ୟାଳୟର ସୁନାମ ରଖିଛନ୍ତି । ଆଜି ସେହି ରାଜ୍ୟ ପୁରସ୍କୃତ ଶିକ୍ଷକ ଶ୍ରୀ ସୁବାସ ଚନ୍ଦ୍ର ସାହୁ ମାନ୍ୟବର ସରକାରଙ୍କ ଠାରୁ କୌଣସି ପେନସନ ନପାଇ ଅବସର ଗ୍ରହଣ କରିଛନ୍ତି । ଏଥିପାଇଁ ମଂଚସୀନ ଅତିଥିବୃନ୍ଦ,ଅଭିଭାବକଗଣ , ପୂର୍ବତନ ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଜନପ୍ରତିନିଧି କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏଭଳି ଜଣେ ଦକ୍ଷ, ଛାତ୍ରବତ୍ସଳ ଓ ମେଳାପୀ ଶିକ୍ଷକଙ୍କୁ ହରାଇ ବିଦ୍ୟାଳୟର ପ୍ରଭୂତ କ୍ଷତି ଘଟିଛି ବୋଲି ସମସ୍ତ ବୁଦ୍ଧିଜୀବି ମତ ପ୍ରକାଶ କରିଥିଲେ । ବାସ୍ତବରେ ଶ୍ରୀ ସାହୁ ଏ ଅଂଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ରହି ସର୍ବୋପରି ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଅବସରକାଳୀନ ଉତ୍ସବରେ ସମସ୍ତ ଅତିଥି ବୃନ୍ଦ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ପ୍ରିୟ ଶିକ୍ଷକଙ୍କୁ ହରାଇ ଅନେକ ଛାତ୍ର ଛାତ୍ରୀ କାନ୍ଦି ପକାଇବା ସହ ତାଙ୍କୁ ତାଙ୍କ ବାସ ଭବନ ପର୍ଯ୍ୟନ୍ତ ନେଇ ଛାଡି ଆସିଲେ।

## ଯୋଡା ରୋଟାରୀ କ୍ଲବ ପକ୍ଷରୁ ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବି ଟ୍ରଲି

### ମହିଳା ମହାବିଦ୍ୟାଳୟରେ ସାନିଟାରି ନାପକିନ ମେସିନ ପ୍ରଦାନ

ଯୋଡା (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ରୋଟାରୀ କ୍ଲବ ଚଳିତ ବର୍ଷ ଅନେକ ଗୁଡିଏ ସାମାଜିକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଏହି କ୍ରମରେ ଗୁରୁବାର ଦିନ ଭିକ୍ଷାବୃତ୍ତିରୁ ନିବୃତ ରହି ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରିବା ଉଦ୍ଦେଶ୍ୟରେ ୨ଜଣ ଭିନ୍ନକ୍ଷମଙ୍କୁ ଆତ୍ମର୍ନିଭରଶୀଳ ହେବା ପାଇଁ ୨ଟି ସ୍ୱାବଲମ୍ବି ଟ୍ରଲି ଓ ଏହାର ଆନୁସଙ୍ଗିକ ଜିନିଷ ପତ୍ର ଯୋଗାଇଦେଇଛନ୍ତି। ଫଳରେ ସେମାନେ ଏହା ଦ୍ୱାରା ଆତ୍ମର୍ନିଭରଶୀଳ ହେବା ସହ ନିଜର ପରିବାର ପ୍ରତିପୋଷଣରେ ସହାୟକ ହୋଇପାରିବେ ବୋଲି ଜଣାପଡିଛି । ସେହିପରି ଯୋଡା ମହିଳା ମହାବିଦ୍ୟାଳୟରେ ଋତୁଶ୍ରାବ ଜନୀତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସାନିଟାରି ନାପକିନ ଏବଂ ବ୍ୟବହୃତ ନାପକିନକୁ ନଷ୍ଟ କରିବା ପାଇଁ ଏକ ମେସିନର ଶୁଭ ଉଦଘାଟନ କରାଯାଇଛି ।ଏହି କାର୍ଯ୍ୟାକ୍ରମ ସମୟରେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଏବଂ ଅନ୍ୟ ଅଧ୍ୟାପିକାମାନେ ଉପସ୍ଥିତ ରହି ଏହାକୁ ପ୍ରାନ୍ତପାଳଙ୍କ ଠାରୁ ଗ୍ରହଣ କରିଛନ୍ତି । ଏହାର ଆବଶ୍ୟକତା ଏବଂ ବ୍ୟବହାର ସମ୍ପର୍କରେ ପ୍ରାନ୍ତପାଳ ମହିଳାମାନଙ୍କୁ ଏହି ଅବସରରେ ଅବଗତ କରାଇଥିଲେ । ବଡବିଲ ରୋଟାରୀ କ୍ଲବର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ସମୟରେ ରୋଟାରୀ



ଜିଲା-୩୨୬୨ର ପ୍ରାନ୍ତପାଳ ରୋଟାରୀଆନ ଯାଜ୍ଞଶୀଷ ମହାପାତ୍ର ଏହି ସବୁ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଛନ୍ତି । ତାଙ୍କ ସହିତ ଉପପ୍ରାନ୍ତପାଳ ଡା. ରାଜେନ୍ଦ୍ର ପଲେଇ, ପୂର୍ବତନ ପ୍ରାନ୍ତପାଳ ଜୟଶ୍ରୀ ମହାନ୍ତି, ଦେବାଶିଷ ମିଶ୍ର, ଅନିଲ ସାହୁ ପ୍ରମୁଖ ରୋଟାରୀଆନ ମାନେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୋଡା ରୋଟାରୀ କ୍ଲବର ସଦସ୍ୟମାନେ ପ୍ରାନ୍ତପାଳ ଏବଂ ଉପପ୍ରାନ୍ତପାଳଙ୍କୁ ବନେଇକଳା ପ୍ରବେଶପଥରେ ଉତ୍ତରିୟ ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ପରଜଙ୍ଗ (ମହାଭାରତ) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରଜଙ୍ଗ ପାଣି ପଞ୍ଚାୟତ ସଭା ଗୃହ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ( ମୁକୁ ଭାଇ) ଙ୍କ ୫୫ ବର୍ଷ ଅତିବାହିତ ହୋଇ ୫୬ ବର୍ଷରେ ପାଦଥାପି ଥିବାରୁ ଜନ୍ମ ଦିବସ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିର ରେ ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ ସନ୍ତୋଷ କୁମାର ଗୋଛାୟତ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।ଏଠାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଲୋକସଭା ସାଂସଦ ଶ୍ରୀଯୁକ୍ତ ରୁଦ୍ରନାରାୟଣ ପାଣି ଉପସ୍ଥିତ ରହି ରକ୍ତଦାତା ମନକୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲ୍ଲା ଉପସଭାପତି ମହିଳା ସଭାନେତ୍ରୀ ବନଲତା ମହାନ୍ତି ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନି ରାଉତ, ମଣ୍ଡଳ ସଭାପତି ବୈକୁଣ୍ଠ ନାଥ, ବାପୁନ୍ ସାହୁ, ସମାଜ ସେବୀ ସନ୍ତୋଷ କୁମାର ସାହୁ , ଅରୁଣ କୁମାର ସାହୁ,ଓ ବହୁ ବିଜେପି କର୍ମୀ ଉପସ୍ଥିତ ରହି ରକ୍ତଦାତା ଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ଶିବିର ରେ ସାହାଯ୍ୟ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିରରେ ୬୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

## ଦେବଗଡ଼ରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଜନ୍ମ ଦିନ ପାଳନ

ଦେବଗଡ଼(ମହା ଭାରତ: ମାନ୍ୟବର ସାଂସଦ, ସମ୍ବଲପୁର ତଥା କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ଓ ଉଦ୍ୟାପିତା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ ତମ ଜନ୍ମ ଦିବସ ବିପୁଳ ଉତ୍ସାହ ଓ ଉଦ୍ଦିପକ୍ଷ ମଧ୍ୟରେ ଦେବଗଡ ଜିଲ୍ଲାରେ ପାଳିତ ହୋଇଛି । ଏହି ଅବସରରେ ଜିଲ୍ଲାର ୮ ଟି ମଣ୍ଡଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ,ମିଷ୍ଟାନ ଓ ଫଳ ବଣ୍ଟନ,ଦେବାଳୟ ର ଦୀପଦାନ ଏବଂ ସ୍ୱ ଇଚ୍ଛା ରେଜିଲ୍ଲା ମେଡିକାଲ ରେ ରକ୍ତ ଦାନ ଶିବିର ପ୍ରଭୃତି କାର୍ଯ୍ୟକ୍ରମ କରାଯାଇ ସର୍ବ ଭାରତୀୟ ସ୍ତରରେ ଯୋଗ୍ୟ ଓଡ଼ିଆ ପୁଅଙ୍କ ବଳିଷ୍ଠ ଓ ଦୃଢ଼ ନେତୃତ୍ୱ ର ସ୍ତୁତିଚାରଣ ପୂର୍ବକ ଦୀର୍ଘ ନିରାମୟ ଜୀବନ କାମନା କରା ଯାଇଛି ।ଏହି ଉତ୍ସବ ରେ ଦେବଗଡ଼ ର ନଗର ପାଳ ,ପ୍ରଦୀପ ଭୋଜ,ଭୋଲେଶ୍ୱର୍ ପ୍ରଧାନ,ସୁଧୀର




ବ୍ରହ୍ମା,ସୁଧାଂଶୁ ପ୍ରଧାନ,ମହେନ୍ଦ୍ର ରଣା,ଦେବଗଡ଼ ଷ୍ଟେଟବ୍ୟାଙ୍କ ଜେନେରାଲ ମ୍ୟାନେଜର ସୁଶାନ୍ତ ବାବୁ,ଜିଲ୍ଲା ମେଡିକାଲ ର ସମସ୍ତ କର୍ମ କର୍ତ୍ତା ଏଥିରେ ଉପସ୍ଥିତ ଥିଲେ। ଏହି ରକ୍ତ ଦାନ କାର୍ଯ କ୍ରମ କୁ ଦେବଗଡ଼ ଷ୍ଟେଟବ୍ୟାଙ୍କ ତରଫରୁ ମଧ ସହଯୋଗ ର ହାତ ବଢ଼ା ଯାଇଥିଲା ।ଆଜି ଶ୍ରୀ ପ୍ରଧାନ ଙ୍କ ଜନ୍ମ ଦିନ ଉତ୍ସବ ରେ ସମସ୍ତ କାର୍ଯ, ସଫଳ କରିଥିବାରୁ ସମସ୍ତ କାର୍ଯ୍ୟକର୍ତ୍ତା, ସାଧାରଣ ଜନତା ଓ ମାଆ ମାଉସୀ ମାନଙ୍କୁ ଭା.ଜ.ପା ଜିଲ୍ଲା ସଭାପତି ତଥା ସାଂସଦ ଙ୍କ ଜିଲ୍ଲା ପ୍ରତିନିଧି ଶ୍ରୀଯୁକ୍ତ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରମନ୍ତ୍ରୀ ଙ୍କ ଜନ୍ମଦିନ ପାଳନ କଲା ଦଶପଲ୍ଲା ବିଜେପି

ଦଶପଲ୍ଲା(ମହାଭାରତ): ଓଡିଶାର ଗର୍ବ ଓ ଗୌରବ ତଥା ସମସ୍ତଙ୍କ ପ୍ରିୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନ ଦଶପଲ୍ଲା ବିଜେପି ପକ୍ଷରୁ ଗୁରୁବାର ଦିନ ପାଳନ କରାଯାଇଛି। ଦଶପଲ୍ଲା ବିଜେପି ର ବରିଷ୍ଠ ନେତା ରାଘବ ମଲିକ ଓ ଅନ୍ୟାନ୍ୟ କର୍ମୀ ଅଜସ୍ର ଶୁଭେଚ୍ଛା, ଶୁଭକାମନା ଓ ଅଭିନନ୍ଦନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ଜଣାଇବା ସହିତ ମହାପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ଶ୍ରୀ ପ୍ରଧାନ ଙ୍କ ଚଲା ପଥ କୁସୁମିତ ପୂର୍ବକ ପ୍ରାର୍ଥନା ଓ କାମନା କରିଛନ୍ତି। ଏ ଅବସରରେ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବାଣ୍ଟିବା ସହିତ ଗଛ ଲଗାଇ ଏହି ଜନ୍ମ ଦିନ ଟିକୁ ଆହୁରି ମଜାଦାର କରିଛନ୍ତି।

## ମାନବ ସେବା ସମିତି ନାରାୟଣ ସେବା ଏବଂ ପ୍ରତିଭା ସମ୍ମାନ ସମାରୋହ



ଆସିକା (ମହାଭାରତ):ମାନବ ସେବା ସମିତି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ ତମ ପୁଣ୍ୟତିଥି ପାଳିତ। ଆସିକା ମାନବ ସେବା ସମିତି ପକ୍ଷରୁ ଆବାହକ ଗଣେଶ ରଥ ଆଜି ସକାଳୁ ପୁଣ୍ୟ ତୋୟା ଋଷିକୂଲ୍ୟା ରେ ତିଳ ତର୍ପଣ କରାଯିବ ପରେ ଆସିକା ହରିହର ଉଚ୍ଚ ବିଦ୍ୟାଳୟରେ ଥିବା ପଞ୍ଚ ଶଖା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଅବସର ପ୍ରାପ୍ତ ଶିକ୍ଷକ ତଥା ମାନବ ସେବା ସମିତି ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ଙ୍କ ସଂଯୋଜନା ତଥା ମାନବ ସେବା ସମିତି ର ଆବାହକ ଗଣେଶ ରଥ ଙ୍କ ପୌରୋହିତ୍ୟରେ ଏକ ସ୍ମୃତି ସଭା ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଆସିକା ଉପଖଣ୍ଡ ଚିକିତ୍ସା ଲୟ ଶିଶୁ ବିଶେଷଜ୍ଞ ଡ଼ ଦୀପକ କୁମାର ସାମନ୍ତରାୟ ଓ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଭଗବତୀ ପ୍ରସାଦ ବିଷୋୟୀ ଯୋଗଦେଇ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ତ୍ୟାଗ ଓ ସେବା ଆଜି ଓଡିଶା ବାସୀଙ୍କ ଆଦର୍ଶ ତଥା ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆର ଗୌରବର କାରଣ ଏବଂ ପଣ୍ଡିତ ଗୋପବନ୍ଧୁଙ୍କର ଜୀବନ ସହିତ ପ୍ରତ୍ୟେକ ଦିବସ ଓଡ଼ିଆ ଜାତିର ଜାତୀୟ ପର୍ବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଗତ ଏପ୍ରିଲ ମାସରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ର ମେଧାବୀ ଛାତ୍ର ଛାତ୍ରୀ ଅଂଶୁମାନ ହୋତା, କ୍ରିଷ୍ଣା ସାହୁ, ବଳରାମ ସାହୁ, ଆଦ୍ୟା ପାଣିଗ୍ରାହୀ, ପ୍ରତ୍ୟାଶା ଚୌଧୁରୀ, ଇତିଶ୍ରୀ ପରିଡା,କର୍ଣ୍ଣଲି ସାରସ୍ୱତ ବିଦ୍ୟାନିକେତନର ସ୍ନେହ ଲତା ଗୌଡ଼,ଆଦର୍ଶ ବିଦ୍ୟାମନ୍ଦିର ବାବନପୁର ସୌମ୍ୟ ରଞ୍ଜନ ସାହୁ,ନଳବଣ୍ଟା ପଞ୍ଚାୟତ ହାଇସ୍କୁଲର ବିଦ୍ୟାର୍ଥୀ ସୁଧାଂଶୁବାଳା ଗୌଡ, ଆଲିପୁର ଶ୍ରୀକ୍ଷେତ୍ର ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ସୁନିତା ବେହେରା, କାଳଷଣ୍ଢପୁର ପ୍ରାଥମିକ ବିଦ୍ୟାଳୟ ସୁଧାଂଶୁ ନାହାକ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଆଇନ୍ ଜୀବୀ ଦିଲ୍ଲୀପ ପାଣିଗ୍ରାହୀ, ସନ୍ତୋଷ କୁମାର ପାଣିଗ୍ରାହୀ, ବିଦେଶୀ ନାହାକ, ଅନିଲ କୁମାର ପାଣିଗ୍ରାହୀ, ଡି. ବଦ୍ରିନାରାୟଣ ପାତ୍ର,ଅନିଲ କୁମାର ପୃଷ୍ଟି, ସାମ୍ବାଦିକ ସତ୍ୟନାରାୟଣ ରଥ,ଅରବିନ୍ଦ ପାତ୍ର, ଏବଂ ମାନବ ସେବା ସମିତିର ସମସ୍ତ ଯୁବ କର୍ମକର୍ତ୍ତା ତଥା ହରି ହର ଉଚ୍ଚ ବିଦ୍ୟାଳୟର ସମସ୍ତ୍ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଆସିକା ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ସମିତି ପକ୍ଷରୁ ପ୍ରାୟ ୧୦୦ ଜଣଙ୍କୁ ଭୋଜନ, ବସ୍ତ୍ର, ବାସନଇତ୍ୟାଦି ପ୍ରଦାନ କରାଯାଇଥିଲା।

## କୃତ୍ରିମ ରାସ୍ତାରେ ଡଙ୍ଗା ପଡ଼ିବା ସହ ଫୁଟିଲା ପଦ୍ମ

### ରାସ୍ତା ପାଇଁ ଅଭିନବ ଉପାୟ ରେ ପ୍ରତିବାଦ



ଟିଟିଲାଗଡ,(ମହାଭାରତ) ପୂର୍ତ୍ତ ବିଭାଗ ରାସ୍ତା ର କୃତ୍ରିମ ପୋଖରୀ ରେ ଡଙ୍ଗା ପଡ଼ିବା ସହ ଫୁଟିଲା ପଦ୍ମ ଏହା ସହ ପାଣିରେ ପହରିବା ପାଇଁ ରାସ୍ତା ରେ ଟାୟାର ରଖି ପ୍ରତିବାଦ। ରାସ୍ତା କାମ ପାଇଁ ଏପରି ଅଭିନବ ଉପାୟ ରେ ପ୍ରତିବାଦ କରିଛନ୍ତି ତୁଷୁରା ୟୁଥ ଏକ୍ସନ କମିଟି ଓ ତୁଷୁରା ବାସି ।ବଲାଙ୍ଗୀର ମୁଖ୍ୟ ରାସ୍ତା ର୍ଦିଘ ଦେନ ହେବ ଶୋଚନୀୟ ଥିବା ବେଳେ ରାସ୍ତା ର୍ନିମାଣ ପାଇଁ ତୁଷୁରା ବାସି ର୍ଦିଘଦିନ ରୁ ଦାବି କରିଆସୁଛନ୍ତି। ପୂର୍ତ୍ତ ବିଭାଗ ତରଫ ରୁ ତିନି ବର୍ଷ ତଳେ ଟେଣ୍ଡର ହୋଇଥିବା ବେଳେ ବର୍ତ୍ତମାନ ଶୁଦ୍ଧା ବି କାମ ଆରମ୍ଭ ହୋଇନାହିଁ ।ତେବେ ତୁଷୁରା ୟୁଥ ଏକ୍ସନ କମିଟି ଓ ତୁଷୁରା ବାସି ଆଜି ତୁଷୁରା ବଲାଙ୍ଗୀର ମୁଖ୍ୟ ରାସ୍ତା କୁ ଅବରୋଧ କରିଛନ୍ତି। ଏହି ମୁଖ୍ୟ ରାସ୍ତା ଟି କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲା କୁ ସଂଯୋଗ କରୁଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ତେବେ ପିଏଚଡି ବିଭାଗ ର ପାଣି ପାଇପ ସମସ୍ୟା ଥିବା ନେଇ ଆଜି ପର୍ଯ୍ୟନ୍ତ ରାସ୍ତା କାମ ହୋଇପାରୁ ନ ଥିବା ସ୍ଥାନୀୟ ଲୋକେ କହିଥିବା ବେଳେ ବିଭାଗୀୟ ଅଧିକାରୀ ଖୁବ ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## ଜନପ୍ରତିନିଧି ଙ୍କୁ ଅଣଦେଖା ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ବାଣରେ ଶିକାର ହେଲେ ସାଂସଦ,କନ୍ଧମାଳ

ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ୨୦୨୪/ ୨୫ କରଡ଼ାପଲ୍ଲୀ ଠାରୁ କୁଶୁବିଡ଼ା ଅନ୍ୟଟି ବନମାଳୀପୁର ଠାରୁ ଭାଟସାହି ଦୁଇଟି ରାସ୍ତା ମଞ୍ଜୁର ହୋଇଥିଲା। ମଙ୍ଗଳବାର କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଙ୍କ କରକମଳରେ ଏବଂ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ଦୁଇଟି ରାସ୍ତା ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଥିଲା। ଉଭୟ ରାସ୍ତାର ଫଳକରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା, ଜିଲ୍ଲାପରିଷ ସଭ୍ୟ ସମେତ ସ୍ଥାନୀୟ ସରପ□ ଓ ସମିତି ସଭ୍ୟଙ୍କ ନାଁ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମଙ୍ଗଳବାର ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରଡ଼ାପଲ୍ଲୀ ଠାରୁ କୁଶୁବିଡ଼ା ରାସ୍ତାକୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥାନ୍ତା। ଫଳ ସ୍ୱରୂପ ଓଲଟା ସେଠାରେ କନ୍ଧମାଳ ସାଂସଦ ଓ ଦଶପଲ୍ଲୀ ବିଧାୟକ ଦୁହେଁ ପହଞ୍ଚିବା ପୂର୍ବରୁ ଫଳକରେ ଜନପ୍ରତିନିଧି ଙ୍କ ନାଁ ନଥିବାରୁ ଉତ୍ୟକ୍ତ ହୋଇ ସ୍ଥାନୀୟ ଲୋକେ ଫଳକକୁ ଭାଙ୍ଗି ଦେଇଥିଲେ। ବହୁ ଆଡମ୍ବର ଲଘୁକ୍ରିୟା। ସାଂସଦ ଓ ବିଧାୟକ ସମେତ ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତରେ ଅବଶିଷ୍ଟ ଫଳକକୁ ଶାସକ ଦଳର ଲୋକେ ଭାଙ୍ଗି ଦେଇଥିଲେୟ ଶେଷରେ ଭଙ୍ଗା ଫଳକକୁ ଶୁଭ ଦେଇଥିଲେ ସାଂସଦ। ଏଭଳି କାର୍ଯ୍ୟ ପୂର୍ବ ସରକାର ସମୟରେ ହୋଇନଥିବା ବେଳେ ବର୍ତ୍ତମାନ ବିଜେପି ସରକାର ସମୟରେ ଏହା ପ୍ରଥମ ଥର ପାଇଁ ଘଟଣା ଘଟିଥିବାରୁ ଲୋକେ ସରକାର ଙ୍କୁ ସମାଲୋଚନା କରୁଥିବା ଶୁଣିବାକୁ ମିଳିଛି। ଯାହାକି ପୂର୍ବ ସରକାର ସମୟରେ ଫଳକରେ ସମସ୍ତ ଙ୍କ ଜନପ୍ରତିନିଧି ନାମ ରହୁଥିବା



ବେଳେ ବର୍ତ୍ତମାନ ବିଜେପି ସରକାର ସମୟରେ କାହିଁକ ଫଳକରେ ଜନପ୍ରତିନିଧି ଙ୍କ ନାଁ ରହିଲା ନାହିଁ ଏହା ସମସ୍ତ ଙ୍କ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଏହାକୁ ନେଇ ସ୍ଥାନୀୟ ଲୋକେ ଜନପ୍ରତିନିଧି ଙ୍କ ନାଁ କାହିଁକି ରହିଲା ସାଂସଦ ଙ୍କୁ ପ୍ରଶ୍ନ ପଚାରିବାରୁ ଉତ୍ତର ରଖି ପାରିନଥିଲେ ଫଳରେ ଲୋକଙ୍କ ପ୍ରଶ୍ନ ବାଣରେ ଶିକାର ହୋଇଥିଲେ ସାଂସଦ ଓ ହଟହଟା ମଧ ହୋଇଥିଲେ। ଯାହାକି ଦଶପଲ୍ଲା ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ବ୍ଲକରେ ଫଳକଭଙ୍ଗା ରାଜନୀତି ଉଷ୍ମତା ଦେଖାଦେଇଛ। ସେହିପରି ଦୁରୁଦୁରା ପଞ୍ଚାୟତ ଅନ୍ତର୍ଗତ ବନମାଳୀପୁର ଠାରୁ ଭାଟସାହି ରାସ୍ତାକୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଯାଇଥିବା ବେଳେ ସେଠାରେ କିନ୍ତୁ ଭିନ୍ନ ରୂପ ଦେଖିବାକୁ ମିଳିଥିଲା ଯାହାକି ଫଳକରେ ସ୍ଥାନୀୟ ଜନପ୍ରତିନିଧି ଙ୍କ ନାମ ନଥିବାରୁ ସ୍ଥାନୀୟ ସରପ□ ସାଂସଦ, କନ୍ଧମାଳ ଙ୍କୁ ଘୋର ବିରୋଧ କରିଛନ୍ତି ।ଦେଖାଯାଉ ଆଗାମୀ ଦିନରେ ନୂଆଗାଁ ବ୍ଲକରେ ରାଜନୀତି ପାଣିପାଗ କେଉଁ ମୁଡ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଅସୁସ୍ଥ ବାଘର ବେକରେ ସ୍କାର୍ଫ ବାନ୍ଧି ବୁଲାଇଲେ ସ୍ଥାନୀୟ ଲୋକେ

ରାଜସ୍ଥାନ ; ରାଜସ୍ଥାନରେ ଥିବା ବୁନ୍ଦି ଜିଲ୍ଲାର ରାମଗଡ଼ ବିଶଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଏକ ହୃଦୟବିଦାରକ ଭିଡିଓ ସାମ୍ନାକୁ ଆସିଛି । ଯେଉଁଥିରେ ଲୋକମାନେ ଏକ ଅସୁସ୍ଥ ଏବଂ ଦୁର୍ବଳ ମାଈ ଚିତାବାଘକୁ ଅମାନବୀୟ ବ୍ୟବହାର କରିଛନ୍ତି । ଏହି ଘଟଣା ସୋସିଆଲ ମିଡିଆରେ କ୍ରୋଧ ସୃଷ୍ଟି କରିଛି । ୨୩ ଜୁନରେ ଏହି ଘଟଣାଟି ସାମ୍ନାକୁ ଆସିଥିଲା । ଯେତେବେଳେ ଏହାର ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ସେୟାର କରାଯାଇଥିଲା । ଭିଡିଓରେ ଦେଖାଯାଇଥିଲା ଯେ ବର୍ଷାରେ ଭିଜିବା ପରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଥିବା ଏକ ଆହତ ଚିତାବାଘ ଏକ ଗଛ ତଳେ ବସିଛି ଏବଂ ଗତି କରିପାରୁନାହିଁ ।

ଚିତାବାଘର ଅବସ୍ଥାର ସୁଯୋଗ ନେଇ ସ୍ଥାନୀୟ ଗ୍ରାମବାସୀ ସେଠାରେ ଏକାଠି ହୋଇଥିଲେ । କିଛିଜଣ ବାଘର ବେକରେ ସ୍କାର୍ଫ ବାନ୍ଧି କୁକୁର ପରି ବୁଲାଇଲେ । ଅନ୍ୟମାନେ ସେଲ୍ଫି ନେଲେ ଏବଂ ଭିଡିଓ କରିଲେ । ଚିତାବାଘ ଏହି ସମସ୍ତ ସମୟ ପାଇଁ ଅତ୍ୟନ୍ତ ଭୟଭୀତ ଥିଲା, କିନ୍ତୁ ସେ କାହାକୁ ଆକ୍ରମଣ କରିନଥିଲା । କିଛି ଲୋକଙ୍କ ହାତରେ ବାଡ଼ି ଥିଲା ଏବଂ ସେମାନେ ତା' ପାଖରେ ଠିଆ ହୋଇ ଭିଡିଓ ସୁଟିଂ କରୁଥିଲେ । ଜଣେ ବ୍ୟକ୍ତି ଚିତାବାଘକୁ ବେକରେ ବାନ୍ଧି ଟାଣି ଟାଣି ନେଉଥିବାର ଦେଖାଯାଇଥିଲା । ଚିତାବାଘ ସମ୍ପୂର୍ଣ୍ଣ ଶାନ୍ତ ରହିଥିଲା । ସେ ଗର୍ଜନ କରୁନଥିଲା କିମ୍ବା ଗର୍ଜନ କରୁନଥିଲା । ଏହି ଦୃଶ୍ୟ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଛନ୍ତି ଯେ ବନ୍ୟପ୍ରାଣୀଙ୍କ ସହିତ ଏପରି ବ୍ୟବହାର କିପରି କରାଯାଇପାରିବ । କିଛି ଲୋକ ଏହି ଘଟଣାକୁ ନିନ୍ଦା କରିଛନ୍ତି ।

ବନ ବିଭାଗ ଦଳ ଘଟଣାସ୍ଥଳରେ ପହଞ୍ଚି ଚିତାବାଘକୁ ପ୍ରାଥମିକ ଚିକିତ୍ସା ଦେଇଥିଲେ । ଏହାପରେ ଏହାକୁ କୋଟା ଚିଡ଼ିଆଖାନାକୁ ପଠାଯାଇଥିଲା । ଅଧିକାରୀମାନେ କହିଛନ୍ତି ଯେ ଚିତାବାଘ ଶରୀରରେ କୌଣସି ବାହ୍ୟ ଆଘାତ ନଥିଲା, କିନ୍ତୁ ଏହା ଆଭ୍ୟନ୍ତରୀଣ ଭାବରେ ଅସୁସ୍ଥ ଥିଲା । ବର୍ତ୍ତମାନ, ଏହାର ଅବସ୍ଥା ଉପରେ ନଜର ରଖାଯାଇଛି । ଏହି ଭିଡିଓଅଝଞଟଗଚଗଓଉ ୨୫୬୬୭ ନାମକ ଏକ ଆକାଉଣ୍ଟରୁ ଇନଷ୍ଟାଗ୍ରାମରେ ସେୟାର କରାଯାଇଛି ।

## ଏମଏମ ହିଲ୍ସ ବନ୍ୟଜନ୍ତୁ ଅଭୟାରଣ୍ୟରେ ବାଘୁଣୀ ସହ ୪ବାଘ ଛୁଆଙ୍କ ମୃତ୍ୟୁ, ବିଷ ଦିଆଯାଇଥିବା ଆଶଙ୍କା

ଧାମରାଜନଗର ଜିଲ୍ଲାରେ ଘଟି ଯାଇଛି ଅଘଟଣ । ଯାହାକୁ ଜାଣିଲେ ଆପଣଙ୍କୁ ନିଶ୍ଚୟ କଷ୍ଟ ଲାଗିବ । ହଁ ଆଜ୍ଞା ଏକ ଦୁଃଖଦ ଘଟଣା ଘଟିଯାଇଛି ଏମଏମ ହିଲ୍ସ ବନ୍ୟଜନ୍ତୁ ଅଭୟାରଣ୍ୟରେ । ଏକ ବାଘୁଣୀ ସହ ୪ବାଘ ଛୁଆଙ୍କ ମୃତ୍ୟୁ ହୋଇଛି । ତେବେ କେମିତି ଓ କିପରି ଏ ଘଟଣା ଘଟିଛି ତଦନ୍ତ ଚାଲିଛି । ଏହି ଖବର ଶୁଣିବା ପରେ ବନ୍ୟଜୀବ ସଂରକ୍ଷଣ କାର୍ଯ୍ୟାଳୟରେ ଚହଳ ପଡିଯାଇଥିଲା । ଏହି ଘଟଣା ୨୪ ଜୁନରେ ବନ୍ୟପ୍ରାଣୀ ଅଭୟାରଣ୍ୟର ହୁଗ୍ୟାମ ରେଞ୍ଜରେ ଘଟିଛି । ଯେଉଁଥିରେ ଏହି ୫ଟି ବାଘଛୁଆର ଶବକୁ ଉଦ୍ଧାର କରାଯାଇଥିଲା । ତେବେ ଏହି ଘଟଣାର ପ୍ରାଥମିକ ଯାଞ୍ଚ ହୋଇଛି । ବନ ବିଭାଗର ସୂଚନା ଅନୁସାରେ ୫ଟି ବାଘର ମୃତ୍ୟୁ ବିଷକ୍ରିୟା ଯୋଗୁଁ ହୋଇଛି ବୋଲି ଆଶଙ୍କା କରାଯାଉଛି । ଧାମନଗର ସର୍କଲରେ ମୁଖ୍ୟ ବନ ସଂରକ୍ଷଣ ହାରାଲାଲ କହିଛନ୍ତି କି ପ୍ରଥମ କାରଣରୁ ଅନୁମାନ କରାଯାଉଥିଲା ଏହା ବିଷକ୍ରିୟା ଯୋଗୁଁ ହୋଇଥାଇ ପାରେ । କିନ୍ତୁ ପୋଷ୍ଟମୋଟମ ରିପୋର୍ଟକୁ ଅପେକ୍ଷା କରାଯାଇଛି । ଏହା ଏକ ଅପ୍ରାକୃତିକ ମୃତ୍ୟୁ ବୋଲି ସ୍ପଷ୍ଟ ଭାବରେ ଜଣା ପଡୁଛି ।

ସୂଚନା ଅନୁସାରେ ଜଣାପଡୁଛି କି ଏହି ବାଘୁଣୀ ଟି କୌଣସି ଏକ ଗ୍ରାମରୁ ଗାଈକୁ ଶିକାର କରିଥିଲା । ଏହାପରେ ଏହି ଗାଈ ଶବକୁ ଜଙ୍ଗଲ ଭିତରେ ପଡି ରହିଥିବା ଦେଖିବାକୁ ମିଳିଥିଲା । ଆଂଶିକ ରୂପେ ଖାଇଥିଲା ବାଘୁଣୀ । ତେବେ ବଳକା ରହିଥିବା ମାଂସକୁ ଗାଁ ଲୋକମାନେ ବିଷ ମିଶାଇ ଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି । ଯାହା ଫଳରେ ବାଘୁଣୀ ଓ ତାର ଛୁଆମାନେ ଏହା ଖାଇଦେବା ଫଳରେ ମୃତ୍ୟୁ ହୋଇଯାଇଛି । କର୍ଣ୍ଣାଟକ ବନ୍ୟ ଅଧୀକାରୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ଏହି ଘଟଣାର କାରଣ ଜଣାପଡିଲେ ଦୋଷୀଙ୍କ ଉପରେ କାଯାନୁଷ୍ଠାନ ହେବ । ଦୋଷୀ ମାନଙ୍କୁ କ୍ଷମା ଦିଆଯିବ ନାହିଁ । କାରଣ ଗୋଟିଏ ଦିନରେ ୫ ଟି ବାଘଙ୍କର ଜୀବନ ଚାଲି ଯାଇଛି । ମଧ୍ୟପ୍ରଦେଶ ପରେ କର୍ଣ୍ଣାଟକରେ ଦ୍ୱିତୀୟ ସର୍ବାଧିକ ବାଘ ଅଛନ୍ତି । ବାର୍ଷିକ ଆକଳନ ଅନୁଯାୟୀ ସେମାନଙ୍କ ସଂଖ୍ୟା ୫୬୩ ରହିଛି । ମହାବଳ ବାଘଙ୍କ ଆବାସସ୍ଥଳକୁ ଏପର୍ଯ୍ୟନ୍ତ ସମାନ ଧ୍ୟାନ ଦିଆଯାଇ ନାହିଁ । ଜଙ୍ଗଲ, ପରିବେଶ ଏବଂ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ମୃତ୍ୟୁର କାରଣ ଜାଣିବାକୁ ଚାହିଁଛନ୍ତି । ନିର୍ଦ୍ଦେଶରେ କୁହାଯାଇଛି ଯେ "ଏହି ଘଟଣାର ତଦନ୍ତ ପାଇଁ ମୁଖ୍ୟ ବନ ସଂରକ୍ଷକଙ୍କ ନେତୃତ୍ୱରେ ଏକ କମିଟି ଗଠନ କରନ୍ତୁ । ଯଦି ବନ ଅଧିକାରୀଙ୍କ କୌଣସି ଅବହେଳା ଦେଖାଯାଏ, ତେବେ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ନଦୀରେ ବୁଡ଼ିଗଲା ଯାତ୍ରୀବାହୀ ବସ୍, ଜଣେ ମୃତ

ଗୁରୁବାର ସକାଳେ ଅର୍ଥାତ୍ ଆଜି ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଜିଲ୍ଲାର ଘୋଲଥିରରେ ଅଳକନନ୍ଦା ନଦୀରେ ଏକ ସମ୍ପୂର୍ଣ୍ଣ ବସ୍ ବୁଡ଼ି ଯାଇଛି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଛ । ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଏବଂ ୭ ଜଣ ଆହତ ମଧ୍ୟ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୯ ବର୍ଷର ଦୁଇ ଜଣ ଶିଶୁ ମଧ୍ୟ ଅଛନ୍ତି । ଆହତ ଉଭୟ ଶିଶୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଝଉଜର ଦଳ ଉପସ୍ଥିତ ଅଛନ୍ତି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । କୁହାଯାଉଛି ଯେ ବର୍ତ୍ତମାନ ୧୧ ଜଣ ଯାତ୍ରୀ ନିଖୋଜ ଅଛନ୍ତି, ସେମାନଙ୍କୁ ଖୋଜିବା ପାଇଁ ଯଥାସମ୍ଭବ ପ୍ରୟାସ କରାଯାଉଛି । ସୂଚନା ଅନୁଯାୟୀ, ଋଷିକେଶ-ବଦ୍ରିନାଥ ଜାତୀୟ ରାଜପଥର ଘୋଲଥିର ନିକଟରେ ଏକ ଟ୍ରକ୍ ଧକ୍କା ଦେବା ପରେ ଏକ ମିନି ବସ୍ ଖାଇକୁ ଖସି ପଡ଼ିଥିଲା । ବସରେ ୧୯ ଜଣ ଥିଲେ, ଯେଉଁଥିରୁ ୭ ଜଣ ବସ୍ରୁ ବାହାରକୁ ଡେଇଁ ପଡ଼ିଥିଲେ । ବସର ଅନ୍ୟ ଲୋକମାନେ ନଦୀରେ ବୁଡ଼ି ଯାଇଥିଲେ । କୁହାଯାଉଛି ଯେ କେଦାରନାଥରୁ ଯାତ୍ରା କରିବା ପରେ ଯାତ୍ରୀମାନେ ରୁଦ୍ରପ୍ରୟାଗରେ ରାତିସାରା ରହିଥିଲେ । ସେମାନେ ଆଜି ସକାଳେ ବଦ୍ରିନାଥ ଅଭିମୁଖେ ବାହାରିଥିଲେ କିନ୍ତୁ ଗୋଚର ନିକଟରେ ଏକ ଟ୍ରକ୍ ଧକ୍କା ଦେବା ପରେ ବସ୍ଟି ଖାଇକୁ ଖସି ପଡ଼ିଲା ଏବଂ ତା' ପରେ ଅଳକନନ୍ଦା ନଦୀରେ ବୁଡ଼ିଗଲା । ଆପଣଙ୍କୁ କହି ରଖୁଛୁ ଯେ ଗତ କିଛି ଦିନ ଧରି କେଦାରନାଥ ଏବଂ ରୁଦ୍ରପ୍ରୟାଗର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଅଳକାନନ୍ଦା ନଦୀରେ ପାଣିର ପ୍ରବାହ ମଧ୍ୟ ଦ୍ରୁତ ଗତିରେ ଚାଲିଛି । ଏପରି ପରିସ୍ଥିତିରେ, ବସଟି ଖସିପଡ଼ିବା ଯୋଗୁଁ ଏହାର ପ୍ରଖର ସ୍ରୋତରେ ଅନେକ ଯାତ୍ରୀ ଭାସି ଯାଇଥିବା କୁହାଯାଉଛି । ପୋଲିସ ମୁଖ୍ୟାଳୟର ମୁଖପାତ୍ର ଆଇଜି ନିଲେଶ ଆନନ୍ଦ ଭରଣେ କହିଛନ୍ତି, ''ରୁଦ୍ରପ୍ରୟାଗ ଜିଲ୍ଲାର ଘୋଲାଥିର ଅଞ୍ଚଳରେ ଏକ ବସ୍ ନିୟନ୍ତ୍ରଣ ହରାଇ ଅଳକନନ୍ଦା ନଦୀକୁ ଖସି ପଡ଼ିଲା । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ବସରେ ୧୮ ଜଣ ଲୋକ ଥିଲେ ।"

# ଶିରିଡି ସାଇବାବା ମନ୍ଦିରରେ ଭକ୍ତଙ୍କ ପାଇଁ ଆସିଲା ବ୍ରେକ ଦର୍ଶନ

ଶିରିଡି : ଦେଶ ବିଦେଶରୁ ପ୍ରତିଦିନ ଶିରିଡିକୁ ହଜାର ହଜାର ଭକ୍ତ ଶିରିଡିର ସାଇ ବାବା ମନ୍ଦିରକୁ ଆସିଥାନ୍ତି । ଯାହା ଫଳରେ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥାଏ । ଦର୍ଶନ ପାଇଁ ଲାଗୁଥିବା ସମୟକୁ ଦୃଷ୍ଟିରେ ରଖି, ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ସାଇ ମନ୍ଦିରରେ ଦର୍ଶନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଏବେ ବ୍ରେକ୍ ଦର୍ଶନ ଆରମ୍ଭ କରାଯାଉଛି । ନୂତନ ନିୟମ ଅନୁସାରେ ଭିଆଇପି ଏବଂ ଭିଭିଆଇପି ବର୍ଗର ଭକ୍ତମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ ଦର୍ଶନ ସୁବିଧା ଦିଆଯିବ । ଯାହା ଦ୍ୱାରା ସାଧାରଣ ଦର୍ଶନ ଧାଡିରେ ଠିଆ ହୋଇଥିବା ଭକ୍ତମାନେ ବାରମ୍ବାର ଅଟକି ନ ଯାଆନ୍ତି । ସାଇ ବାବା ସଂସ୍ଥାନ ନିଷ୍ପତ୍ତି ନେଇଛି ଯେ ଭିଡ଼ ମଧ୍ୟରେ



ଏକ ସଠିକ୍ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ବ୍ରେକ୍ ଦର୍ଶନ ଆରମ୍ଭ କରାଯିବ । ଏଥିରେ, ଭିଆଇପି ଏବଂ ଭିଭିଆଇପିଙ୍କ ପାଇଁ ଦର୍ଶନ ସୁବିଧାର ସମୟ ସ୍ଥିର କରାଯାଇଛି । ଶ୍ରୀ ସାଇବାବା ସଂସ୍ଥାନ ଟ୍ରଷ୍ଟର ବର୍ତ୍ତମାନର ସିଇଓ ଗୋରକ୍ଷ ଗାଦିଲକର ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି ।

ସିଇଓ ଗୋରକ୍ଷ ଗାଧିଲକର କହିଛନ୍ତି ଯେ ସାଇ ବାବା ମନ୍ଦିରକୁ ଆସୁଥିବା ଲୋକଙ୍କ ମଧ୍ୟରେ ଭିଆଇପି ଏବଂ ଭିଭିଆଇପି ଭକ୍ତ ମଧ୍ୟ ରହିଛନ୍ତି । ଭିଆଇପି ସାଇ ଭକ୍ତଙ୍କ ପାଇଁ ଦର୍ଶନର ବ୍ୟବସ୍ଥା ମଧ୍ୟ ସାରା ଦିନ ଉପଲବ୍ଧ । ଭିଆଇପି ଦର୍ଶନ ସମୟରେ, ସାଧାରଣ ଦର୍ଶନ ପାଇଁ ଭକ୍ତଙ୍କ ଧାଡ଼ି ବନ୍ଦ କରିବାକୁ ପଡ଼ିଥାଏ । ଏହି ଭକ୍ତମାନେ ଦୁଇ-ତିନି ଘଣ୍ଟା ଅପେକ୍ଷା କରନ୍ତି, ଯାହା ଫଳରେ ସେମାନେ ଠିକ୍ ଭାବରେ ଦର୍ଶନ କରିପାରନ୍ତି ନାହିଁ । ଭିଆଇପି ଭକ୍ତମାନେ ମଧ୍ୟ ଠିକ୍ ଭାବରେ ଦର୍ଶନ କରିପାରନ୍ତି ନାହିଁ ।

ସିଇଓ କହିଛନ୍ତି ବର୍ତ୍ତମାନ ପାଇଁ ଭିଆଇପି ଭକ୍ତଙ୍କ ପାଇଁ ବ୍ରେକ୍ ଦର୍ଶନ ସୁବିଧା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି । ଭିଆଇପି ଭକ୍ତମାନେ ସକାଳ ୯ଟାରୁ ୧୦ଟା, ଅପରାହ୍ନ ୨:୩୦ ରୁ ୩:୩୦ ଏବଂ ରାତି ୮ଟାରୁ ୮:୩୦ ପର୍ଯ୍ୟନ୍ତ ଦର୍ଶନ କରିପାରିବେ । ଏହି ସମୟ ମଧ୍ୟରେ ସାଧାରଣ ଦର୍ଶନ ଧାଡି ଜାରି ରହିବ । ଭିଭିଆଇପି ଏବଂ ଦାନ କରୁଥିବା ଭକ୍ତଙ୍କ ପାଇଁ ମଧ୍ୟ ପୃଥକ ବ୍ୟବସ୍ଥା କରାଯାଇଛି । ଏହି ଭକ୍ତମାନଙ୍କୁ ବ୍ରେକ୍ ଦର୍ଶନରୁ ମୁକ୍ତ କରାଯିବ ।

ଗୋରକ୍ଷ ଗାଧିଲକର କହିଛନ୍ତି ଯେ ଭକ୍ତଙ୍କ ଦାବି ଥିଲା ଯେ ସେମାନେ ସାଧାରଣ ଦର୍ଶନ ଧାଡିରେ ୨-୩ ଘଣ୍ଟା ଅପେକ୍ଷା କରନ୍ତୁ ଏବଂ ତା'ପରେ ମଧ୍ୟ ଦର୍ଶନ ଠିକ୍ ଭାବରେ ହୋଇନଥାଏ । ଏହା ହେବା ଉଚିତ୍ ନୁହେଁ । ବ୍ରେକ ଦର୍ଶନ ନିଷ୍ପତ୍ତି ସାଧାରଣ ଧାଡିରେ ଅପେକ୍ଷା କରିଥିବା ଭକ୍ତ ଏବଂ ଭିଆଇପି ଭକ୍ତମାନଙ୍କୁ ମଧ୍ୟ ଲାଭ ଦେବ ।

## ମହାକାଶରେ ପହଞ୍ଚି ଲାଇଭ ଭିଡିଓ କଲ୍ କଲେ ଶୁଭାଂଶୁ

ଆକ୍ସିଅମ ୪ର ପାଇଲଟ ଥିବା ଭାରତର ଶୁଭାଂଶୁ ଶୁକ୍ଲା ପୁଣି ମହାକାଶରୁ ବାର୍ତ୍ତା ଦେଇଛନ୍ତି । ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ମହାକାଶରେ ଗୋଟିଏ ରାତି ବିତାଇ ସାରିଛନ୍ତି । ଏହାପରେ ତାଙ୍କର ଏକ ଭିଡିଓ ମେସେଜ ସାମ୍ନାକୁ ଆସିଛି । ମହାକାଶରୁ ନମସ୍କାର କରିଛନ୍ତି ଶୁଭାଂଶୁ ଶୁକ୍ଲା । ଆକ୍ସିଅମ ମିଶନରେ ୪ରେ ଶୁଭାଂଶୁ ମହାକାଶ ଯାତ୍ରା କରିଛନ୍ତି ।




୪ ମହାକାଶଚାରୀଙ୍କ ସହ ଆଉ ଜଣେ ଯାତ୍ରୀ । ଗୋଟିଏ ହଂସକୁ ସାଥିରେ ନେଇଛନ୍ତି ମହାକାଶଚାରୀ ଶୁଭାଂଶୁ । ସହଯୋଗୀ ମହାକାଶଚାରୀଙ୍କ ସହ ଏଠାରେ ରହି ରୋମାଞ୍ଚିତ ଥିବା କହି, ଗୋଟିଏ ଖେଳନା ହଂସ ଦେଖାଇଛନ୍ତି । ଭାରତୀୟ ସଂସ୍କୃତିରେ ଏହା ଜ୍ଞାନ ଓ ବୁଦ୍ଧିର ପରିଚୟ ବୋଲି ସେ କହିଛନ୍ତି । ଶୁଭାଂଶୁ କହିଛନ୍ତି, ଚମତ୍କାର ଯାତ୍ରାକୁ ଉପଭୋଗ କରୁଛି । ଛୋଟ ପିଲା ଭଳି ନୂଆ ନୂଆ କଥା ଶିଖୁଛନ୍ତି । କିପରି ଚାଲିବା ଓ ଖାଇବା ଶିଖୁଥିବା କହିଛନ୍ତି ଶୁଭାଂଶୁ ।

ଗତକାଲି ଆଇଏସଏସ ଅଭିମୁଖେ ଶୁଭାଂଶୁଙ୍କ ସହ ଆଇଏସଏସ ଅଭିମୁଖେ ବାହାରିଥିଲେ ୪ ମହାକାଶଚାରୀ । ଆଜି ଅପରାହ୍ନ ୪ଟା ୩୦ରେ ଓଝଝରେ ଡକିଂ ହେବ । ଦୀର୍ଘ ୪୧ ବର୍ଷ ପରେ ମହାକାଶକୁ ଦ୍ୱିତୀୟ ଭାରତୀୟ ଭାବେ ଯାତ୍ରା କରିଛନ୍ତି ଶୁଭାଂଶୁ ଶୁକ୍ଲା । ଆକ୍ସିଅମ -୪ ମିଶନରେ ପୃଥିବୀରେ ମିଶନ କଣ୍ଟ୍ରୋଲ ରୁମ ସହ ଯୋଗାଯୋଗ ଦାୟିତ୍ୱ ଶୁଭାଂଶୁଙ୍କୁ ଦିଆଯାଇଛି ।

ତେବେ ଭାରତୀୟ ସମୟ ଠିକ୍ ଦିନ ୧୨ଟା ୧ରେ ନାସାର କେନେଡି ସ୍ପେସ୍ ସେଣ୍ଟରରୁ ଆକ୍ସିଅମ ମିସନ-୪ ଆରମ୍ଭ ହୋଇଛି । ସ୍ପେସ୍ ଏକ୍ସର ଆକ୍ସିଅମ ମିସନ-୪ର ଉତକ୍ଷେପଣ ହୋଇଛି । ମହାକାଶ ଅଭିମୁଖେ ଉଡ଼ାଣ ଭରିଛି ସ୍ପେସ୍ ଏକ୍ସ ମିସନ୍-ଆକ୍ସିଅମ-୪ । ୩ ମହାକାଶଚାରୀଙ୍କ ସହ ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନ୍ ଯାଇଛନ୍ତି ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ।

## ଅତି ବଡ଼ ଲଜ୍ଜା ! ଋଣ ପରିଶୋଧ କରିବା ପାଇଁ ଜଣେ ବ୍ୟକ୍ତି ନିଜ ସ୍ତ୍ରୀକୁ ବନ୍ଧୁ ହାତରେ ଟେକିଦେଲେ

ଏଠି ଆଉ ଗୋଟେ ମହାଭାରତ । ଜୁଆ ଖେଳରେ ନିଜ ସ୍ତ୍ରୀକୁ ବାଜିରେ ଲଗାଇଲା ସ୍ୱାମୀ । ଜୁଆ ଖେଳି ଖେଳି ଏମିତି ଋଣ କଲା, ଯାହାକୁ ପରିଶୋଧ କରି ନପାରି ସ୍ତ୍ରୀକୁ ପର ପୁରୁଷକୁ ବିକ୍ରି କରିଦେଲା । ଅମଣିଷ ଭଳି ନିଜ ବନ୍ଧୁ ହାତରେ ଟେକିଦେଲା । ଏଭଳି ଅଭାବନୀୟ ଘଟଣା ଘଟିଛି ମଧ୍ୟପ୍ରଦେଶର ଧାର ଜିଲ୍ଲାରେ, ଜଣେ ଅମଣିଷ ସ୍ୱାମୀ ଋଣ ପରିଶୋଧ କରିବା ପାଇଁ ନିଜ ପତ୍ନୀଙ୍କୁ ତାଙ୍କ ବନ୍ଧୁଙ୍କୁ ବିକ୍ରି କରିଦେଇଥିଲେ । ଆଉ ଏହି ଗୁଣ୍ଡନ୍ତ ବନ୍ଧୁ ତାଙ୍କ ପତ୍ନୀଙ୍କୁ ବଳାତ୍କାର କରିଥିଲେ । ବର୍ତ୍ତମାନ ଏହି ଘଟଣାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି । କୁହାଯାଉଛି ଯେ ସ୍ୱାମୀ ନିଶାଗ୍ରସ୍ତ ହୋଇ ଜୁଆ ଖେଳୁଥିଲେ, ଯେଉଁ କାରଣରୁ ତାଙ୍କର ଋଣ ବଢ଼ିବାରେ ଲାଗିଥିଲା । ତାଙ୍କ ଉପରେ ୫୦ ହଜାର ଟଙ୍କାର ଋଣ ଥିଲା, ଯାହାକୁ ତାଙ୍କ ବନ୍ଧୁ ପରିଶୋଧ କରିବାକୁ ଚାପ ପକାଉଥିଲେ । ଏହି ସମୟରେ, ବ୍ୟକ୍ତିଜଣକ ତାଙ୍କ ପତ୍ନୀଙ୍କୁ ରୀନା ଦେଇଥିବା ବନ୍ଧୁଙ୍କୁ ହସ୍ତାନ୍ତର କରିଥିଲେ । ଏହା ପରେ, ବନ୍ଧୁ ଜଣଙ୍କ ତାଙ୍କ ପତ୍ନୀଙ୍କୁ ବଳାତ୍କାର କରିଥିଲେ । ପତ୍ନୀ ବହୁତ ଚିତ୍କାର କରିଥିଲେ ସୁଦ୍ଧା ସ୍ୱାମୀ ନିର୍ଦ୍ଦୟ ହୋଇଯାଇଥିଲେ । ପତ୍ନୀଙ୍କ ଅଭିଯୋଗ ପରେ, ଇନ୍ଦୋରର ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଛି । ମାମଲାର ତଦନ୍ତ କରାଯାଉଛି । ପୋଲିସର ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ଧାର ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୩୫ କିଲୋମିଟର ଦୂର କାନୱାନ ଥାନା ଅଞ୍ଚଳର ବାସିନ୍ଦା । ତାଙ୍କ ସ୍ତ୍ରୀ ଇନ୍ଦୋରରେ ରହୁଥିଲେ । ମହିଳାଙ୍କ ଅଭିଯୋଗ ଉପରେ, ଇନ୍ଦୋର ମହିଳା ଥାନାରେ ଏକ ଜିରୋ ଏଫଆଇଆର ରୁଜୁ ହୋଇଥିଲା । ଆପଣଙ୍କୁ ଏହା ଶୁଣି ଟିକେ ଆଶ୍ଚର୍ଯ୍ୟ ଲାଗୁଥିବ ଏବଂ ପ୍ରଶ୍ନ ଉଠୁଥିବ ଏହି ଜିରୋ ଏଫଆଇଆର କଣ ? ଆପଣଙ୍କୁ କହି ରଖୁଛୁ ଯେ କୌଣସି କଗ୍ନିଜେବଲ୍ ଅପରାଧ ବିଷୟରେ ଅଭିଯୋଗ ପାଇଲେ, ମାମଲା କେଉଁ ଅଞ୍ଚଳର ହେଉନା କାହିଁକି, ଯେକୌଣସି ଥାନାରେ ଜିରୋ ଏଫଆଇଆର ରୁଜୁ କରାଯାଇପାରିବ । ଏବେ ଧାର ଜିଲ୍ଲାର କାନୱାନ ଥାନା ପ୍ରଭାରୀ ଅଭୟ ନୀମା କହିଛନ୍ତି ଯେ ମହିଳା ଅଭିଯୋଗ କରିଛନ୍ତି ତାଙ୍କ ସ୍ୱାମୀ ଜଣେ ଜୁଆଡ଼ି ଏବଂ ଏହି ଅଭ୍ୟାସ ଯୋଗୁଁ ତାଙ୍କର ଋଣ ବହୁଳ ଭାବରେ ବୃଦ୍ଧି ପାଉଛି । କାନୱାନ ପୋଲିସ ଷ୍ଟେସନ ଇନଚାର୍ଜ କହିଛନ୍ତି ଯେ ମହିଳା ଜଣକ ତାଙ୍କ ଅଭିଯୋଗରେ ଲେଖିଛନ୍ତି, ତାଙ୍କ ଋଣଗ୍ରସ୍ତ ସ୍ୱାମୀ ତାଙ୍କୁ ତାଙ୍କର ଜଣେ ବନ୍ଧୁଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ, ଯିଏ ତାଙ୍କୁ ଟଙ୍କା ଋଣ ଆକାରରେ ଦେଇଥିଲେ । ଅଭିଯୋଗ ଅନୁଯାୟୀ, ଯେତେବେଳେ ସ୍ୱାମୀ ଋଣ ପରିଶୋଧ କରିପାରିଲେ ନାହିଁ, ସେ ଜଣେ ବନ୍ଧୁଙ୍କ ସହ ଏକ ଚୁକ୍ତି କରିଥିଲେ ଏବଂ ସେହି ଚୁକ୍ତି ଅନୁଯାୟୀ ସ୍ତ୍ରୀଙ୍କୁ ବନ୍ଧୁଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ । ବର୍ତ୍ତମାନ ଉଭୟ ବ୍ୟକ୍ତି ଫେରାର୍ ଅଛନ୍ତି, ଏବଂ ସେମାନଙ୍କର ସନ୍ଧାନ ଆରମ୍ଭ ହୋଇଯାଇଛି । ସେମାନଙ୍କୁ ଯଥାଶୀଘ୍ର ଆରେଷ୍ଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ମହାଭାରତରେ ଏଇ ଜୁଆ ଖେଳ ପାଇଁ ପତ୍ନୀ ଦ୍ରୌପଦୀଙ୍କୁ ବାଜି ଲଗାଇଥିଲେ ପାଣ୍ଡବମାନେ । ଆଉ ଏଠି ସେହି ଘଟଣାର ପୁନରାବୃତ୍ତି କରିଛନ୍ତି ବିବାହ ବେଳେ ପତ୍ନୀକୁ ସୁରକ୍ଷା ଦେବାର ଶପଥ ନେଇଥିବା ସ୍ୱାମୀ । ଏଭଳି ସ୍ୱାମୀକୁ କି ଦଣ୍ଡ ଦେବା ଦରକାର ଆପଣମାନେ କମେଣ୍ଟରେ ଲେଖନ୍ତୁ ।

## ଓଲଟିଲା ଡବଲ୍ ଡେକର ବସ୍, ୨ ମୃତ, ୫୦ ଆହତ

ଉତ୍ତରପ୍ରଦେଶ: ଉତ୍ତରପ୍ରଦେଶ ଇଟାୱାରେ ଆଗ୍ରା ଲକ୍ଷ୍ନୌ ଏକ୍ସପ୍ରେସ ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୨ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୫୦ ଜଣ ଆହତ ହୋଇଛନ୍ତି । ବିହାରରୁ ଦିଲ୍ଲୀ ଯାଉଥିବା ଏକ ଡବଲ-ଡେକର ବସ୍ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି ।

ପୋଲିସ କହିବା ମୁତାବକ, ଇଟାୱାର ସୈଫାଇ ଥାନା ଅଞ୍ଚଳ ଅନ୍ତର୍ଗତ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏହି ଦୁର୍ଘଟଣା ଘଟିଛି । ଡ୍ରାଇଭର ଶୋଇପଡ଼ିବାରୁ ବସ୍ ନିୟନ୍ତ୍ରଣ




ବାହାରକୁ ଚାଲିଗଲା, ଆଉ ରେଲିଙ୍ଗ୍ ଭାଙ୍ଗି ରାସ୍ତା ତଳକୁ ଖସି ପଡ଼ିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି । ଦୁର୍ଘଟଣା ସମୟରେ ବସରେ ୭୦ରୁ ଅଧିକ ଯାତ୍ରୀ ଥିଲେ, ଯେଉଁଥିରୁ ୨ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୫୦ ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି । ସୂଚନା ଅନୁଯାୟୀ, ମୃତକଙ୍କ ମଧ୍ୟରେ ଜଣେ ମହିଳା ଏବଂ ଜଣେ ପୁରୁଷ ଅଛନ୍ତି । ମୃତ ମହିଳା ନେପାଳର ବାସିନ୍ଦା ସୈଦା ଖାତୁନ୍ ଏବଂ ମୃତ ପୁରୁଷଙ୍କ ଦରଭଙ୍ଗାର ବାସିନ୍ଦା ୫୫ ବର୍ଷୀୟ ମନୋଜ କୁମାର ବୋଲି ଚିହ୍ନଟ କରାଯାଇଛି । ଦୁର୍ଘଟଣାରେ ଆହତ ସମସ୍ତ ଯାତ୍ରୀଙ୍କୁ ସୈଫାଇ ମେଡିକାଲ୍ ବିଶ୍ୱବିଦ୍ୟାଳୟରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ଇଟାୱାର ଡିଏମ ଶୁଭ୍ରାନ୍ତ କୁମାର ଶୁକ୍ଲା ଏସଏସପିଙ୍କ ସମେତ ଅନେକ ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମାମଲା ବିଷୟରେ ସୂଚନା ନେଉଛନ୍ତି ।

## ଗୁଜରାଟରେ ପ୍ରବଳ ବର୍ଷା : ତଳିଆ ଅଞ୍ଚଳରେ ଲୋକ ଜଳବନ୍ଦୀ

ଗୁଜରାଟ : ଗୁଜରାଟରେ ପ୍ରବଳ ବର୍ଷା ଲାଗିରହିଛି । ପାଣିପାଗ ବିଭାଗ ଅନୁସାରେ, ସୁରତ ସହରରେ ଗତ ୨୪ ଘଣ୍ଟାରେ ୩୪୬ ମିମି ବର୍ଷା ରେକର୍ଡ କରାଯାଇଛି । ପ୍ରବଳ ବର୍ଷାରେ ରାସ୍ତା ନଦୀରେ ପରିଣତ ହୋଇଛି । ତଳିଆ ଅଞ୍ଚଳରେ ପାଣି ପଶିଥିବାରୁ ଲୋକ ଜଳବନ୍ଦୀ ହୋଇଛନ୍ତି । ଗତ ୭ ବର୍ଷ ମଧ୍ୟରେ ଗୋଟିଏ ଦିନରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଏନଡିଆରଏଫ ଏବଂ ଏସଡିଆରଫ ଟିମ୍ ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଗୁଜରାଟର ଅନେକ ଜିଲ୍ଲାକୁ ରେଡ୍ ଏବଂ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ସୁରତ, ନବସାରି, ଭାଲସାଡ ଏବଂ ଅମରେଲୀରେ ପ୍ରବଳ ବର୍ଷା ଚେତାବନୀ ଦିଆଯାଇଛି ।



ପାଣିପାଗ ବୈଜ୍ଞାନିକ ଏହାକୁ ସାଇକ୍ଲୋନିକ ସର୍କୁଲେସନ କାରଣରୁ ମୌସୁମୀ ସକ୍ରିୟ ହୋଇଛି । ଏଥିରେ ୨୮ ଜୁନ୍ ଯାଏଁ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

ଅହମଦାବାଦ, ଭଦୋଦରା ଏବଂ ଗାନ୍ଧିନଗରରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ତେବେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ସ୍କୁଲ କଲେଜ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ଲୋକମାନଙ୍କୁ ଘରେ ରହିବାକୁ ଅପିଲ କରାଯାଇଛି । ଅନେକ ଗାଡି ପାଣିରେ ବୁଡ଼ି ରହିଛି । ଲୋକମାନଙ୍କୁ ପ୍ରଶାସନ ଟ୍ରାକ୍ଟର ଜରିଆରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଛି । ଗୁଜରାଟ ସରକାର ଏଭଳି ଆପତ୍ତକାଳୀନ ସ୍ଥିତିରୁ ମୁକୁଳିବା ପାଇଁ ୨୪ ଘଣ୍ଟିଆ ସକ୍ରିୟ ରହିଛି । ସ୍ୱାସ୍ଥ୍ୟ, ବିଜୁଳି ଓ ଅନ୍ୟାନ୍ୟ ଆପତ୍ତକାଳୀନ ସ୍ଥିତି ପାଇଁ ରହିବାକୁ ନିର୍ଦ୍ଦେଶ ଦେଇଛି । ଲୋକମାନଙ୍କୁ ନଦୀ, ନାଳ ପାଖକୁ ଯିବାକୁ ସତର୍କ ରହିବାକୁ ଅପିଲ୍ କରାଯାଇଛି । ପାଣିପାଗ ବିଭାଗ ଅନୁଯାୟୀ, ମୌସୁମୀ ଆଗାମୀ ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବ । ୨୬-୨୮ ଜୁନ୍ ପର୍ଯ୍ୟନ୍ତ ସୁରଟ, ଭାଲସାଡ, ନବସାରୀରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

## ଆଇଏସଏସରେ ହେଲା ଶୁଭାଂଶୁ ଶୁକ୍ଲାଙ୍କ ଭବ୍ୟ ସ୍ୱାଗତ

କ୍ୟାପଟ୍ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ତାଙ୍କ ଆକ୍ସିଅମ୍-୪ ଦଳକୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଓଝଝ) ରେ ସ୍ୱାଗତ କରାଯାଇଥିଲା । ଭାରତର ପ୍ରଥମ ମହାକାଶଚାରୀ ଶୁଭାଂଶୁ ତାଙ୍କ କୁ ସହିତ ଅପରାହ୍ନ ୪:୧୦ରେ ସ୍ପେସ୍ଏକ୍ସ ଡ୍ରାଗନ୍ ମହାକାଶଯାନରେ ସଫଳତାର ସହ ଡକିଂ କରିଥିଲେ । ସେମାନଙ୍କୁ ଆଲିଙ୍ଗନ କରି ସ୍ୱାଗତ କରାଯାଇଥିଲା, ଯାହା ଏହି ଐତିହାସିକ ମୁହୂର୍ତ୍ତକୁ ଆହୁରି ସ୍ମରଣୀୟ କରିଥିଲା । ଡକିଂ ପରେ, ୧-୨ ଘଣ୍ଟାର ସୁରକ୍ଷା ଯାଞ୍ଚ ସମାପ୍ତ ହେବା ପରେ ହ୍ୟାଚ୍ ଖୋଲାଯାଇଥିଲା । ଶୁଭାଂଶୁ ଏବଂ ତାଙ୍କ ଦଳକୁ ଆଲିଙ୍ଗନ କରି ସ୍ୱାଗତ କରାଯାଇଥିଲା । ପେଗି ହ୍ୱିଟସନ ଶୁଭାଂଶୁଙ୍କୁ ଆଲିଙ୍ଗନ କରି କହିଥିଲେ ଯେ ଆମର ନୂତନ ବନ୍ଧୁଙ୍କୁ ସ୍ୱାଗତ । ସେ ଶୁଭାଂଶୁଙ୍କୁ ମହାକାଶ କେନ୍ଦ୍ରକୁ ଆସିବା ପାଇଁ ମହାକାଶଚାରୀ ସଂଖ୍ୟା ୬୩୪ର ବ୍ୟାଜ୍ ଦେଇଥିଲେ ।

# ଫସିଗଲେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା

## ରାଜସ୍ଥାନ ରୟାଲ୍ସ ମାଲିକ ଆଣିଲେ ସଙ୍ଗିନ ଅଭିଯୋଗ



ନୂଆଦିଲ୍ଲୀ,୨୬।୬: ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ଏବଂ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ଦଳ ରାଜସ୍ଥାନ ରୟାଲ୍ସ (ଆରଆର)ର ପୂର୍ବତନ ସହ-ମାଲିକ ରାଜ କୁନ୍ଦ୍ରା ସମସ୍ୟାରେ ପଡ଼ିଛନ୍ତି।

ରାଜସ୍ଥାନ ରୟାଲ୍ସର ବର୍ତ୍ତମାନର ମାଲିକ ମନୋଜ ବଡାଲେ ତାଙ୍କ ଉପରେ 'ବ୍ଲାକମେଲିଂ' ଅଭିଯୋଗ ଆଣିଛନ୍ତି। ମନୋଜ ୟୁକେର ଏକ କୋର୍ଟରେ କୁନ୍ଦ୍ରାଙ୍କ ବିରୋଧରେ ଆଇନଗତ ଲଢେଇ ଆରମ୍ଭ କରିଛନ୍ତି।

ପ୍ରକୃତରେ, ୨୦୦୯ ମସିହାରେ ରାଜ କୁନ୍ଦ୍ରା ଏବଂ ଶିଳ୍ପା ସେଟ୍ଟୀ ଏକ ମରିସସ କମ୍ପାନୀର ସହାୟତାରେ ରାଜସ୍ଥାନ ରୟାଲ୍ସର ମାଲିକ ହୋଇଥିଲେ। ତାଙ୍କ ଦଳ (ରାଜସ୍ଥାନ ରୟାଲ୍ସ) ମଧ୍ୟ ପ୍ରଥମ ଆଇପିଏଲ ଟାଇଟଲ ଜିତିଥିଲା, କିନ୍ତୁ ୨୦୧୩ ଜୁନ ମାସରେ ଏହି ଦଳ ସମସ୍ୟାରେ ପଡ଼ିଥିଲା। ସେହି ସମୟରେ ରାଜ କୁନ୍ଦ୍ରାଙ୍କୁ ଦିଲ୍ଲୀ ପୋଲିସ ବେଟିଂ ଅଭିଯୋଗରେ ଗିରଫ କରିଥିଲା। ଏଥିପାଇଁ ସେ ବହୁତ ସମାଲୋଚନାର ସମ୍ମୁଖୀନ ହୋଇଥିଲେ।

ସୂଚନାଯୋଗ୍ୟ, ୨୦୦୯ ମସିହାରେ ରାଜ କୁନ୍ଦ୍ରା ଏବଂ ଶିଳ୍ପା ସେଟ୍ଟୀ ପ୍ରାୟ ୧୫.୪ ମିଲିୟନ ଡଲାରରେ ରାଜସ୍ଥାନ ରୟାଲ୍ସର ୧୧.୭% ଅଂଶଧନ କିଣିଥିଲେ, କିନ୍ତୁ ସ୍ପଟ ଫିକ୍ସିଂ ଅଭିଯୋଗ ପରେ ସେମାନଙ୍କୁ ନିଷିଦ୍ଧ କରାଯାଇଥିଲା। ରାଜସ୍ଥାନ ଦଳକୁ ୨ ବର୍ଷ ପାଇଁ ନିଷିଦ୍ଧ କରାଯାଇଥିଲା। ଏହା ପରେ ରାଜ କୁନ୍ଦ୍ରା ଏବଂ ଶିଳ୍ପା ସେଟ୍ଟୀ ଆଇପିଏଲରୁ ଅଲଗା ହୋଇଗଲେ। ଏହି ମାମଲା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ।

## ସେମିରେ ଓଡିଶା

ଭୁବନେଶ୍ୱର,୨୬।୬: ଚେନ୍ନାଇରେ ଚାଲିଥିବା ଜାତୀୟ ମାଷ୍ଟର୍ସ କପ୍ ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଓଡିଶା ମହିଳା ଦଳ ପ୍ରବେଶ କରିଛି। ମଙ୍ଗଳବାର କ୍ୱାର୍ଟରଫାଇନାଲ୍‌ରେ ଓଡିଶା ୧୦-୦ ଗୋଲ୍‌ରେ କେରଳକୁ ମାତ୍ ? ଦେଇଛି। ଓଡିଶା ଦଳର ଦୁଇ ସରିତା ମିଳିତ ଭାବେ ୮ ଗୋଲ୍ ଦେଇ ଏହି ସଫଳତା ଆଣିଛନ୍ତି। ସରିତା ଲାକ୍ରା ୫ ଓ ସରିତା ରୋଶନ ମିଞ୍ଜ୍ ୩ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ଅଧିନାୟିକା ଲୁସେଲା ଏକ୍କାଙ୍କ ଫିଲ୍ଡ ଗୋଲ୍ ?ରେ ଓଡିଶା ଅଭିଯାନ ଆରମ୍ଭ କରିଥିଲା। ଏହାପରେ ପ୍ରତିମା ଏକ୍କା (୧୧ ମିନିଟ୍) ଓ ସରିତା ଲାକ୍ରା (୧୪ ମିନିଟ୍)ଙ୍କ ଗୋଲ୍ ?ରେ ଓଡିଶା ପ୍ରଥମ କ୍ୱାର୍ଟରରେ ୩-୦ରେ ଆଗରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ସରିତା ରୋଶନ ମିଞ୍ଜ (୨୩, ୨୬ ମିନିଟ୍ ?) ଦୁଇଟି ଗୋଲ୍ ସ୍ଥିତି ୫-୦ କରିଥିଲେ। ତୃତୀୟ କ୍ୱାର୍ଟରରେ ସରିତା ଲାକ୍ରା (୩୨, ୩୬ ମିନିଟ୍) ଦୁଇଟି ଓ ସରିତା ରୋଶନ ମିଞ୍ଜ୍(୪୩ ମିନିଟ୍) ଗୋଟିଏ ଗୋଲ୍ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।

# ଚାରି ବର୍ଷ ପରେ ଟେଷ୍ଟ ଦଳକୁ ଫେରିଲେ ଆର୍ଚ୍ଚର



ନୂଆଦିଲ୍ଲୀ,୨୬।୬: ଇଂଲଣ୍ଡ ଭାରତ ବିପକ୍ଷରେ ଜୁଲାଇ ୨ରୁ ବାର୍ମିଂହାମରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟ ପାଇଁ ୧୫ ଜଣିଆ ଦଳ ଘୋଷଣା କରିଛି। ଏକ୍ସପ୍ରେସ ବୋଲର ଜୋଫ୍ରା ଆର୍ଚ୍ଚର ଚାରି ବର୍ଷ ପରେ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲିଡସରେ ପ୍ରଥମ ଟେଷ୍ଟରେ ଜିତିଥିବା ଇଂଲଣ୍ଡ ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ସାମ କୁକ ଓ ଜାକବ ବେଥେଲ ପ୍ରଥମ ଟେଷ୍ଟର ମଝିରେ କାଉଣ୍ଟି କ୍ରିକେଟ ଖେଳିବାକୁ ମୁକ୍ତ ହୋଇଥିବା ପରେ ଦଳକୁ ଫେରିଛନ୍ତି।

ଇଂଲଣ୍ଡର ଦ୍ୱିତୀୟ ଟେଷ୍ଟ ଦଳ:

ବେନ ଷ୍ଟୋକ୍ସ (ଅଧିନାୟକ), ଜୋଫ୍ରା ଆର୍ଚ୍ଚର, ଶୋଏବ ବଶୀର, ଜାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାଇଡନ କାର୍ସ, ସାମ କୁକ, ଜାକ କ୍ରଲେ, ବେନ ଡକେଟ, ଜେମୀ ଓଭରଟନ, ଓଲି ପୋପ, ଜୋ ରୁଟ, ଜେମୀ ସ୍ମିଥ (ଉଇକେଟକିପର), ଜୋଶ ଟଙ୍ଗ, କ୍ରିସ ୱୋକ୍ସ।

ଆର୍‌ଚ୍ଚର ଚଳିତ ସପ୍ତାହ ଆରମ୍ଭରେ ଚେଷ୍ଟର ଲେ ଷ୍ଟ୍ରିଟରେ ସସେକ୍ସ ପାଇଁ ଡରହାମ ବିପକ୍ଷରେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ରେଡ-ବଲ ଫର୍ମାଟ ପାଇଁ ନିଜର ମ୍ୟାଚ୍ ଫିଟନେସ ପ୍ରମାଣ କରିଛନ୍ତି। ସେ କାଉଣ୍ଟି ମ୍ୟାଚ୍‌ରେ ୧୮ ଓଭର ବୋଲିଂ କରି ଗୋଟିଏ ୱିକେଟ ହାସଲ କରିଥିଲେ।

୩୦ ବର୍ଷୀୟ ଆର୍‌ଚ୍ଚର ରେଡ-ବଲ କ୍ରିକେଟର ଶାରୀରିକ ଚାପକୁ ପୁଣି ସହ୍ୟ କରିବା ପାଇଁ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ଏବେ ଏକ ଭିନ୍ନ ଚ୍ୟାଲେଞ୍ଜ ଅଛି, କାରଣ ମୁଁ ଜାଣିଛି ମୋ ଶରୀର ଏହାକୁ ସହ୍ୟ କରିପାରିବ। ଖେଳର ମାନସିକ ଦିଗ କଠିନ ହେବ। ଆଗାମୀ କିଛି ଦିନରେ ମୁଁ ଏହା ସହିତ ଲଢ଼ିବାକୁ ପଡ଼ିବ, କିନ୍ତୁ ସବୁ ଠିକ୍ ଅଛି। ଏହା ଏକ ନୂଆ ଚ୍ୟାଲେଞ୍ଜ, ଆଉ ମୁଁ ଆଗକୁ ବଢ଼ି ଚାଲିବି।"

ଆର୍‌ଚ୍ଚର ଶେଷ ଥର ପାଇଁ ୨୦୨୧ ଫେବୃଆରୀରେ ଅହମଦାବାଦରେ ଭାରତ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ସେ ମୋଟ ୧୩ଟି ଟେଷ୍ଟ ଖେଳି ୪୨ଟି ୱିକେଟ ହାସଲ କରିଛନ୍ତି।

# ପୃଥ୍ୱୀ ଶ'ଙ୍କୁ ସଚ୍ଚିନ ତେନ୍ଦୁଲକରଙ୍କ ପରାମର୍ଶ



ମୁମ୍ବାଇ,୨୬।୬: ଭାରତୀୟ କ୍ରିକେଟରେ ପ୍ରତିଭାବାନ ଓପନର ପୃଥ୍ୱୀ ଶ'ଙ୍କ କ୍ୟାରିଅର ବିଗତ କିଛି ବର୍ଷରେ ନାଟକୀୟ ଭାବେ ହ୍ରାସ ପାଇଛି। ୨୦୨୪-୨୫ ସିଜନରେ ତାଙ୍କୁ ମୁମ୍ବାଇର ଘରୋଇ ଦଳରୁ ବାଦ ଦିଆଯାଇଥିଲା ଏବଂ ଆଇପିଏଲ ୨୦୨୫ର ମେଗା ନିଲାମରେ ମଧ୍ୟ ସେ ବିକ୍ରି ହୋଇ ନଥିଲେ। ତଥାପି, ଏହି ସମସ୍ତ ପ୍ରତିକୂଳତା ମଧ୍ୟରେ ପୃଥ୍ୱୀ ଖୁଲାସା କରିଛନ୍ତି ଯେ ଭାରତୀୟ କ୍ରିକେଟର ମହାନାୟକ ସଚ୍ଚିନ ତେନ୍ଦୁଲକର ତାଙ୍କ ପ୍ରତି ବିଶ୍ୱାସ ରଖିଛନ୍ତି ଏବଂ ତାଙ୍କୁ ପୁନରାଗମନ କରିବାରେ ପ୍ରେରଣା ଦେଉଛନ୍ତି।

ଏକ ସାକ୍ଷାତକାରରେ ପୃଥ୍ୱୀ କହିଛନ୍ତି, "ମୋର ବାପା ମୋର ସବୁଠାରୁ ବଡ଼ ସମର୍ଥକ, କିନ୍ତୁ ତାଙ୍କ ପରେ ସଚ୍ଚିନ ସାର ଅନେକ କିଛି ଜାଣନ୍ତି। ମୁଁ ଓ ଅର୍ଜୁନ (ସଚ୍ଚିନଙ୍କ ପୁଅ) ୮ କିମ୍ବା ୯ ବର୍ଷ ବୟସରୁ ବନ୍ଧୁ। ସାର ମଧ୍ୟ ସେତେବେଳେ ଥାଆନ୍ତି। ସେ ମୋତେ ଦେଖିଛନ୍ତି।"

ପୃଥ୍ୱୀ ପ୍ରକାଶ କରିଛନ୍ତି ଯେ ମାତ୍ର ଦୁଇ ମାସ ପୂର୍ବ ? ସଚ୍ଚିନ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ ଲିଗ ପାଇଁ ଏମଆଇଜିରେ ଅଭ୍ୟାସ କରୁଥିବା ବେଳେ ସେ ମଧ୍ୟ ସେଠାରେ ଥାଆନ୍ତି। "ଏପରି ସମୟରେ ଜଣେ ମେଣ୍ଟର ଦରକାର, ଯିଏ ପ୍ରେରଣାର ଏକ ସାହାସ ଦେଇପାରେ," ବୋଲି ସେ କହିଛନ୍ତି।

ସଚ୍ଚିନ ତାଙ୍କୁ ନିରନ୍ତର ପରାମର୍ଶ ଦେଉଛନ୍ତି ଏବଂ ତାଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ପୃଥ୍ୱୀ କହିଛନ୍ତି, "ସେ ଏବେ ମଧ୍ୟ ମୋ ଉପରେ ବିଶ୍ୱାସ ରଖନ୍ତି। 'ପୃଥ୍ୱୀ, ମୋର ବିଶ୍ୱାସ ଅଛି ଏବଂ ମୁଁ ବିଶ୍ୱାସ ରଖିବି।' ସେ ମୋତେ ଦେଖିଛନ୍ତି। ତାଙ୍କର ଭରସା ଅଛି। 'ଟ୍ରାକକୁ ଫେରି ଆସ। ସବୁ ସମ୍ଭବ।' ଏହି ବିଶ୍ୱାସ ମୋ ପାଇଁ ବହୁତ ମୂଲ୍ୟବାନ। ମୋ ବାପା ଓ କିଛି ବନ୍ଧୁଙ୍କ ପରି ସେ ମଧ୍ୟ ବିଶ୍ୱାସ କରନ୍ତି।"

ଶ' ସ୍ୱୀକାର କରିଛନ୍ତି ଯେ ସେ ଜୀବନରେ ଅନେକ ଭୁଲ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, "ଅନେକ କଥା ଅଛି। ଲୋକଙ୍କ ଦୃଷ୍ଟିରେ ଏହା ଭିନ୍ନ, କିନ୍ତୁ ମୁଁ ଜାଣେ କ'ଣ ହୋଇଛି। ମୁଁ ଅନେକ ଭୁଲ ନିଷ୍ପତ୍ତି ନେଇଛି। କ୍ରିକେଟକୁ କମ୍ ? ସମୟ ଦେବା ଆରମ୍ଭ କରିଥିଲି। ପୂର୍ବରୁ ମୁଁ ନେଟରେ ୩-୪ ଘଣ୍ଟା ବ୍ୟାଟିଂ କରୁଥିଲି, କେବେ କ୍ଲାନ୍ତ ହେଉ ନ ଥିଲି। ଅଧା ଦିନ ମୈଦାନରେ ରହୁଥିଲି। ମୁଁ ସ୍ୱୀକାର କରୁଛି, ମୋ ଧ୍ୟାନ ଭ୍ରଷ୍ଟ ହୋଇଥିଲା।"

ସେ ଆହୁରି କହିଛନ୍ତି, "ମୁଁ ଅପ୍ରୟୋଜନୀୟ ଜିନିଷକୁ ଗୁରୁତ୍ୱ ଦେବା ଆରମ୍ଭ କରିଥିଲି। କିଛି ଭୁଲ ବନ୍ଧୁ ବାଛିଥିଲି। ସେତେବେଳେ ମୁଁ ଶୀର୍ଷରେ ଥିଲି, ତେଣୁ ବନ୍ଧୁତା ହୋଇଥିଲା। ସେମାନେ ମୋତେ ଏଣେତେଣେ ନେଇ ଯାଉଥିଲେ। ଏସବୁ କାରଣରୁ ମୁଁ ଟ୍ରାକରୁ ବାହାରି ପଡ଼ିଥିଲି। ପୂର୍ବରୁ ୮ ଘଣ୍ଟା ଅଭ୍ୟାସ କରୁଥିଲି, ଏବେ ତାହା ୪ ଘଣ୍ଟାକୁ ଖସି ଆସିଛି।" ପୃଥ୍ୱୀ ଶ'ଙ୍କ ଏହି ଖୋଲାଖୋଲି ସାକ୍ଷାତକାର ତାଙ୍କ ସଂଘର୍ଷ ଓ ପୁନରାଗମନ ପାଇଁ ଚେଷ୍ଟାର ଏକ ଝଲକ ଦେଇଛି। ସେ ଏବେ ନିଜକୁ ପୁନଃସଂଗଠିତ କରି କ୍ରିକେଟରେ ପୁଣି ଫେରିବାକୁ ଆଗ୍ରହୀ। ତାଙ୍କ ଏହି ସଂଘର୍ଷ କାହାଣୀ ଅନେକ ଯୁବ କ୍ରିକେଟରଙ୍କ ପାଇଁ ପ୍ରେରଣା ହୋଇପାରେ।

## ସରକାରୀ ଚାକିରି କରିବେ ରିଙ୍କୁ

ନୂଆଦିଲ୍ଲୀ ୨୬।୦୬; ଟିମ୍ ଇଣ୍ଡିଆର ଷ୍ଟାର ଖେଳାଳି ରିଙ୍କୁ ସିଂହ। ସେ ତାଙ୍କର ଛୋଟ କ୍ୟାରିୟରରେ ବହୁତ ପରିଚୟ ହାସଲ କରିଛନ୍ତି। ତାଙ୍କର ଜନ୍ମ ୧୨ ଅକ୍ଟୋବର ୧୯୯୭ରେ ଆଲିଗଡ଼ର ଏକ ସାଧାରଣ ପରିବାରରେ ହୋଇଥିଲା। ତାଙ୍କ ଜୀବନ ସଂଘର୍ଷପୂର୍ଣ୍ଣ ଥିଲା। କିନ୍ତୁ ସେ ତାଙ୍କ କଠିନ ପରିଶ୍ରମ ବଳରେ କ୍ରିକେଟ ଜଗତରେ ନାମ ଅର୍ଜନ କରିଛନ୍ତି। ଏପରି ପରିସ୍ଥିତିରେ ଯୋଗୀ ସରକାର ରିଙ୍କୁ ସିଂହଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରମାଣିତ କରିଥିବା ରିଙ୍କୁ ସିଂହଙ୍କୁ ସରକାରୀ ଚାକିରି ଦିଆଯାଇଛି। ରିଙ୍କୁଙ୍କୁ ମୌଳିକ ଶିକ୍ଷା ଅଧିକାରୀ (ବେସିକ ଏଜୁକେସନ୍ ଅଫିସର) ପଦବୀରେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପ୍ରତ୍ୟକ୍ଷ ନିଯୁକ୍ତି ନିୟମ ଅନୁଯାୟୀ କରାଯାଇଛି। ଯାହା ତାଙ୍କ ପାଇଁ ଏକ ବଡ଼ ସଫଳତା। ଭାରତୀୟ କ୍ରିକେଟ ଦଳ ପାଇଁ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ରିଙ୍କୁ ଏବେ ଶିକ୍ଷା କ୍ଷେତ୍ରରେ ସେବା କରିବେ। ଏ ସମ୍ପର୍କରେ ବେସିକ ଶିକ୍ଷା ନିର୍ଦ୍ଦେଶକ (ବେସିକ) ଦ୍ୱାରା ଏକ ଚିଠି ଜାରି କରାଯାଇଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ, ସେ ଟିମ୍ ଇଣ୍ଡିଆର ପ୍ରଥମ ଖେଳାଳି ନୁହଁନ୍ତି, ଏହା ପୂର୍ବରୁ ମଧ୍ୟ ଅନେକ କ୍ରିକେଟର ସରକାରୀ ଚାକିରି ପାଇ ସାରିଛନ୍ତି।

# ସଫଳ ହେଲା ସୂର୍ଯ୍ୟକୁମାରଙ୍କ ଅସ୍ତ୍ରୋପଚାର



ନୂଆଦିଲ୍ଲୀ,୨୬।୬: ଭାରତର ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କର ସ୍ପ ?ଟର୍ ?ସ ହାର୍ନିଆ ଅସ୍ତ୍ର ?ପଚାର ସଫଳ ହୋଇଛି। ଜର୍ମାନୀର ମ୍ୟୁନିକ୍ ?ଠାରେ ତାଙ୍କର ଅସ୍ତ୍ର ?ପଚାର କରାଯାଇଛି। ଏ ନେଇ ୩୪ ବର୍ଷୀୟ ବିସ୍ଫୋରକ ବ୍ୟାଟର ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି।

ଅସ୍ତ୍ର ?ପଚାର ଶେଷ ହୋଇଥିବାରୁ ସେ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ? ଏକ୍ସିଲେନ୍ସରେ ରେହାବିଲିଟେସନ ଆରମ୍ଭ କରିବେ। ଭାରତୀୟ ଦଳ ତା'ର ପରବର୍ତ୍ତୀ ହ୍ୱାଇଟ୍ ? ବଲ ସିରିଜ୍ ବାଂଲାଦେଶ ବିପକ୍ଷରେ ଅଗଷ୍ଟରେ ଖେଳିବ। ବାଂଲାଦେଶ ଟୁରରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ଟି୨୦ ସିରିଜ୍ ? ଖେଳିବ। ୨୦୨୩ ଦିନିକିଆ ବିଶ୍ୱକପ୍ ପରଠାରୁ ଏହି ଫର୍ମାଟରେ ଖେଳିନଥିବା ସୂର୍ଯ୍ୟ ଅଗଷ୍ଟ ୨୬ ତାରିଖରେ ଚାଟୋଗ୍ରାମରେ ଖେଳାଯିବାକୁ ଥିବା ପ୍ରଥମ ଟି୨୦ ମ୍ୟାଚ୍ ?ରେ ଭାରତୀୟ ଦଳର ନେତୃତ୍ୱ ନେବେ। ଅସ୍ତ୍ର ?ପଚାର ପୂର୍ବରୁ ସୂର୍ଯ୍ୟକୁମାର ଆଇପିଏଲ୍ ?ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ସେ ୭୧୭ ରନ ସହ ଅରେଞ୍ଜ କ୍ୟାପ୍ ? ଅଧିକାରୀ ସାଇ ସୁଦର୍ଶନ(୭୫୯ ରନ୍)ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ଆଇପିଏଲ୍ ତାରକାଙ୍କୁ ଟପିଲେ ଟ୍ରକ୍ ଚାଳକଙ୍କ ପୁଅ



ନୂଆଦିଲ୍ଲୀ,୨୬।୬: ବୈଭବ ସୂର୍ଯ୍ୟବଂଶୀ ଓଟଖରେ ବିସ୍ଫୋରକ ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ୩୫ ବଲ୍‌ରେ ଶତକ ମାରି ସେ ଚର୍ଚ୍ଚାକୁ ଆସିଥିଲେ। ଏବେ ଇଂଲଣ୍ଡରେ ମଧ୍ୟ ତାଙ୍କଠାରୁ ସମାନ ପ୍ରଦର୍ଶନ ଆଶା କରାଯାଉଛି। ଭାରତର ୧୯ ବର୍ଷରୁ କମ ଦଳ ଜୁନ ୨୭ ତାରିଖରୁ ଇଂଲଣ୍ଡରେ ଏକଦିବସୀୟ ସିରିଜ ଖେଳିବାକୁ ଯାଉଛି। ତଥାପି ଏହି ଏକଦିବସୀୟ ମ୍ୟାଚ୍ ପୂର୍ବରୁ ଆଉ ଜଣେ ଖେଳାଳି ଚର୍ଚ୍ଚାକୁ ଆସିଛନ୍ତି, ଯାହାଙ୍କୁ ଦ୍ୱିତୀୟ ବୈଭବ ସୂର୍ଯ୍ୟବଂଶୀ ବୋଲି କୁହାଯାଉଛି। ଏହି ଖେଳାଳିଙ୍କ ପିତା ଜଣେ ଟ୍ରକ ଡ୍ରାଇଭର।

କ୍ରିକେଟରଜଣଙ୍କ ହେଲେ ହରବଂଶ ସିଂହ ପାଙ୍ଗାଲିଆ। ସେ ଗୁଜରାଟର କଚ୍ଛର ବାସିନ୍ଦା ଏବଂ ବର୍ତ୍ତମାନ ୧୯ ବର୍ଷରୁ କମ ଦଳ ସହିତ ଇଂଲଣ୍ଡରେ ଅଛନ୍ତି। ଏହି ବାମହାତୀ ବ୍ୟାଟ୍ସମ୍ୟାନ ଇଂଲଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍ ?ରେ ତାଙ୍କର ଚମତ୍କାର ପ୍ରଦର୍ଶନ କରିଥିଲେ। ହରବଂଶ ୯ ନମ୍ବରରେ ଆସି ୯ ଛକା ମାରିଥିଲେ ଏବଂ ମାତ୍ର ୫୨ ବଲରେ ଏକ ଶତକ ମଧ୍ୟ କରିଥିଲେ। ତାଙ୍କର ଇନିଂସ ଆଧାରରେ, ଟିମ ଇଣ୍ଡିଆ ୪୪୨ ରନ୍‌ର ଏକ ବିଶାଳ ସ୍କୋର କରିଥିଲା। ଶେଷରେ ଟିମ ଇଣ୍ଡିଆ ଏହି ମ୍ୟାଚ୍‌କୁ ୨୦୦ରୁ ଅଧିକ ରନ ବ୍ୟବଧାନରେ ଜିତିଥିଲା।

ହରବଂଶ ଗତ ବର୍ଷ ଅକ୍ଟୋବରରେ ମଧ୍ୟ ଖବରରେ ଥିଲେ, ଯେତେବେଳେ ହରବଂଶ ଅଷ୍ଟ୍ରେଲିଆ ବିପକ୍ଷ ୟୁଥ୍ ମ୍ୟାଚ୍‌ରେ ୬ଟି ଛକା ସାହାଯ୍ୟରେ ୧୧୭ ରନ କରିଥିଲେ। କେବଳ ଏତିକି ନୁହେଁ, ସେ ଅଷ୍ଟ୍ରେଲିଆ ବିପକ୍ଷ ୟୁଥ୍ ଟେଷ୍ଟ ମ୍ୟାଚ୍‌ରେ ଏକ ଦ୍ୱିଶତକ ମଧ୍ୟ କରିଛନ୍ତି। ହରବଂଶ ବାମ ହାତରେ ମଧ୍ୟ ବ୍ୟାଟିଂ କରନ୍ତି ଏବଂ ତାଙ୍କର ଶୈଳୀ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କ ପରି। ଏଭଳି ପ୍ରଦର୍ଶନ ପରେ ଖେଳାଳିଙ୍କୁ ଶୀଘ୍ର ଓଟଖ ରେ ଖେଳୁଥିବାର ଦେଖିବାକୁ ପଡ଼ିପାରେ ବୋଲି କୁହାଯାଉଛି। ହରବଂଶଙ୍କ ବାପା କାନାଡାରେ ଟ୍ରକ ଚଲାନ୍ତି। ତାଙ୍କ ପରିବାର ବ୍ରାମ୍ପଟନରେ ରୁହନ୍ତି।

# କ୍ରିକେଟରେ ଆଇସିସିର ୮ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ,୨୬।୬: ଜୁଲାଇ ୨ ତାରିଖରୁ ଅନ୍ତର୍ଜାତୀୟ କ୍ରିକେଟରେ ବହୁତ କିଛି ପରିବର୍ତ୍ତନ ହେବାକୁ ଯାଉଛି। ଆଇସିସି ଅନ୍ତର୍ଜାତୀୟ କ୍ରିକେଟ ପାଇଁ ଅନେକ ନୂତନ ନିୟମ ଏବଂ ଖେଳର ନିୟମାବଳୀରେ ପରିବର୍ତ୍ତନକୁ ଅନୁମୋଦନ କରିଛି। ଏହି ପରିବର୍ତ୍ତନଗୁଡ଼ିକରେ ଦିନିକିଆରେ ୩୫ତମ ଓଭରରୁ କେବଳ ଗୋଟିଏ ବଲ ବ୍ୟବହାର କରିବାର ନିୟମ ରହିଛି। ଏହା ସହିତ ଓଉଡ ଟେଷ୍ଟରେ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରିଛି। ଯଦି କ୍ୟାଚ୍ ସ୍ପଷ୍ଟ ନ ହୁଏ ଏବଂ ତଥାପି ଖେଳାଳି ଦାବି କରନ୍ତି ଯେ ବ୍ୟାଟସମ୍ୟାନ୍ ଆଉଟ୍ ହୋଇଛନ୍ତି, ତେବେ ଏହାକୁ ନୋ ବଲ୍ ଘୋଷଣା କରାଯିବ। ଆସନ୍ତୁ ଜାଣିବା ଆଇସିସି କେଉଁ ପ୍ରମୁଖ ନିୟମ ପରିବର୍ତ୍ତନ କରିଛି।

### ଟେଷ୍ଟ କ୍ରିକେଟରେ ଷ୍ଟପ୍ କ୍ଲକ୍

ଟି-୨୦ ଏବଂ ଏକଦିବସୀୟ କ୍ରିକେଟରେ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରିବାର ଗୋଟିଏ ବର୍ଷ ପରେ, ଏବେ ଆଇସିସି ଏହାକୁ ଟେଷ୍ଟରେ ମଧ୍ୟ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଟେଷ୍ଟରେ ସ୍ଲୋ ଓଭର ରେଟ୍ ଏକ ବଡ଼ ସମସ୍ୟା ପାଲଟିଛି। ଏବେ ନୂତନ ଆଇସିସି ନିୟମ ଅନୁଯାୟୀ, ଫିଲ୍ଡିଂ ଦଳକୁ ଓଭର ଶେଷ ହେବାର ଗୋଟିଏ ମିନିଟ୍ ମଧ୍ୟରେ ପରବର୍ତ୍ତୀ ଓଭର ଆରମ୍ଭ କରିବାକୁ ପଡିବ। ଯଦି ଦଳ ଏପରି ନ କରନ୍ତି, ତେବେ ଅମ୍ପାୟାରଙ୍କଠାରୁ ଦୁଇଟି ଚେତାବନୀ ମିଳିବ। ଏହା ପରେ, ଯଦି ଏହାର ପୁନରାବୃତ୍ତି ଘଟେ ତେବେ ପ୍ରତିଥର ପାଞ୍ଚ ରନ ପେନାଲଟି ଲାଗିବ। ୮୦ ଓଭର ପରେ ଚେତାବନୀ ପୁଣି ଥରେ ମିଳିବ। ଏହି ନିୟମ କେବଳ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପାଇଁ ପ୍ରଯୁଜ୍ୟ।

### ସଟ୍ ରନ ଉପରେ ବଡ଼ ଦଣ୍ଡ

ଆଇସିସି ମଧ୍ୟ ସଟ୍ ରନ ପ୍ରସଙ୍ଗରେ ଏକ ବଡ଼ ନିଷ୍ପତ୍ତି ନେଇଛି। ପୂର୍ବରୁ, ଜାଣିଶୁଣି ସଟ୍ ରନ ନେବା ପାଇଁ ପାଞ୍ଚ ରନର ପେନାଲଟି ଲାଗୁ କରାଯାଉଥିଲା। କିନ୍ତୁ ନୂତନ ନିୟମ ଅନୁଯାୟୀ, ଯଦି ବ୍ୟାଟର ଜାଣିଶୁଣି ଅତିରିକ୍ତ ରନ ଚୋରି କରିବା ପାଇଁ ରନ ପୂରଣ କରନ୍ତି ନାହିଁ, ତେବେ ଅମ୍ପାୟାର ଫିଲ୍ଡିଂ ଦଳକୁ ପଚାରିବେ ଯେ ସେମାନେ କେଉଁ ବ୍ୟାଟରଙ୍କୁ ଷ୍ଟ୍ରାଇକରେ ଚାହାନ୍ତି। ଏହା ବ୍ୟତୀତ ସଟ୍ ରନ ନେଉଥିବା ବ୍ୟାଟରଙ୍କ ଦଳ ଉପରେ ପାଞ୍ଚ ରନର ପେନାଲଟି ଲାଗୁ ହେବ। କିନ୍ତୁ ଏହି ନିୟମ ସେତେବେଳେ ଲାଗୁ ହେବ ଯେତେବେଳେ ଅମ୍ପାୟାର ଅନୁଭବ କରିବେ ଯେ ବ୍ୟାଟର ଅମ୍ପାୟାରଙ୍କୁ ଠକିବା ପାଇଁ ଏମିତି କରୁଛନ୍ତି।

### ଯଦି ଲାଳ ଲଗାଯାଏ, ତେବେ ବଲ୍ ପରିବର୍ତ୍ତନ ହେବ ନାହିଁ

ଆଇସିସି ବଲ୍ ଉପରେ ଲାଳ ପ୍ରୟୋଗକୁ ନିଷିଦ୍ଧ କରିଥିଲା। କିନ୍ତୁ ବଡ଼ ପରିବର୍ତ୍ତନ ହେଉଛି ଯଦି ଅମ୍ପାୟାର ବଲ୍ ଉପରେ ଲାଳ ପାଆନ୍ତି, ତେବେ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯିବ ନାହିଁ। ଏହି ନିୟମ ଏଥିପାଇଁ ଲଗୁ କରାଯାଇଛି ଯଦ୍ୱାରା ଯେମିତି ଦଳଗୁଡ଼ିକ ବଲ୍ ପରିବର୍ତ୍ତନ କରିବା ପାଇଁ ଜାଣିଶୁଣି ଲାଳ ବ୍ୟବହାର ନକରନ୍ତି। ଏବେ ଅମ୍ପାୟାର ବଲ୍ ପରିବର୍ତ୍ତନ ସେତେବେଳେ ପରିବର୍ତ୍ତନ କରିବେ ଯେବେ ଏହାର ଅବସ୍ଥାରେ ଏକ ବିରାଟ ପରିବର୍ତ୍ତନ ଆସିବ, ଯେପରିକି ବଲ୍ ବହୁତ ଓଦା କିମ୍ବା ଏଥିରେ ଅତିରିକ୍ତ ଚମକ ଅଛି। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଅମ୍ପାୟାରଙ୍କ ନିଷ୍ପତ୍ତି ଆଧାରରେ ହେବ। ଯଦି ଅମ୍ପାୟାର ଅନୁଭବ କରନ୍ତି ଯେ ଲାଳ ବ୍ୟବହାର ଯୋଗୁଁ ବଲ୍ ଅବସ୍ଥା ବହୁତ ପରିବର୍ତ୍ତନ ହୋଇନାହିଁ, ତେବେ ବଲ୍ ପରିବର୍ତ୍ତନ ହେବ ନାହିଁ।

### ଆଉଟ୍ ନିଷ୍ପତ୍ତି ପରେ ଡିଆରଏସ୍ ପ୍ରୋଟୋକଲରେ ପରିବର୍ତ୍ତନ

ଆଇସିସି ଡିଆରଏସ ପ୍ରୋଟୋକଲରେ ମଧ୍ୟ ବଡ ପରିବର୍ତ୍ତନ କରିଛି। ଧରି ନିଅନ୍ତୁ ଜଣେ ବ୍ୟାଟରଙ୍କୁ କ୍ୟାଚ୍ ଆଉଟ୍ ଦିଆଯାଉଛି। ଏହା ପରେ ବ୍ୟାଟର ଅମ୍ପାୟରଙ୍କ ନିଷ୍ପତ୍ତି ବିରୋଧରେ ରିଭ୍ୟୁ ମାଗୁଛନ୍ତି। ଆଲଟ୍ରାଏଜରେ ଜଣା ପଡୁଛି ଯେ, ବଲ୍ ବ୍ୟାଟରେ ନ ବାଜି ପ୍ୟାଡରେ ବାଜୁଛି। ଏମିତି ସ୍ଥିତିରେ କ୍ୟାଚ୍ ଆଉଟ୍ ଖାରଜ ହେବା ପରେ ଟିଭି ଅମ୍ପାୟର ଦ୍ୱିତୀୟ ଡିସମିସାଲ ଭାବେ ଏଲବିଡବ୍ଲ୍ୟୁର ଯାଞ୍ଚ କରନ୍ତି। ପ୍ରଥମେ ଯଦି କ୍ୟାଚ୍ ଆଉଟ୍ ନ ଥାଆନ୍ତି ତେବେ ଏଲବିଡବ୍ଲ୍ୟୁ ପାଇଁ ଡିଫଲ୍ଟ ନିର୍ଣ୍ଣୟ ନଟଆଉଟ୍ ରହୁଥିଲା। ମାତ୍ର ନୂଆ ନିୟମ ଅନୁସାରେ ଯେବେ ଏଲବିଡବ୍ଲ୍ୟୁ ପାଇଁ ବଲ୍ ଟ୍ରାକିଙ୍ଗ ଗ୍ରାଫିକ ଦେଖାଯିବ ଏବଂ ବ୍ୟାଟର ଯଦି ଏଠାରେ ଆଉଟ୍ ହୁଅନ୍ତି ତେବେ ତାଙ୍କୁ ପାଭିଲିୟନ୍ ଫେରିବାକୁ ପଡିବ।

### ଯଦି ବ୍ୟାଟରଙ୍କ ବିରୁଦ୍ଧରେ ଦୁଇଟି ଅପିଲ୍

ଆଇସିସ ଅମ୍ପାୟାର ଏବଂ ଖେଳାଳି ସମୀକ୍ଷା ପ୍ରକ୍ରିୟାରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ କରିଛି। ଅର୍ଥାତ୍ ପୂର୍ବରୁ ଟିଭି ଅମ୍ପାୟାର ପ୍ରଥମେ ଅମ୍ପାୟାରଙ୍କ ସମୀକ୍ଷା ଏବଂ ତା'ପରେ ଖେଳାଳିଙ୍କ ସମୀକ୍ଷା ବିଚାର କରୁଥିଲେ, କିନ୍ତୁ ନୂତନ ନିୟମ ଅନୁଯାୟୀ, ଯଦି ବ୍ୟାଟର ପ୍ରଥମ ଘଟଣାରେ ଆଉଟ୍ ହୁଅନ୍ତି, ତେବେ ବଲ୍ ଡେଡ୍ ହୋଇଯିବ। ଦ୍ୱିତୀୟ ସମୀକ୍ଷା ଆଣି ଯାଞ୍ଚ କରାଯିବ ନାହିଁ। ଉଦାହରଣ ସ୍ୱରୂପ, ଯଦି ଖଇଡ ଏବଂ ରନ ଆଉଟ୍ ପାଇଁ ଆବେଦନ ହୁଏ, ତେବେ ଟିଭି ଅମ୍ପାୟାର ପ୍ରଥମେ ଖଇଡ ଯାଞ୍ଚ କରିବେ, କାରଣ ଏହା ପ୍ରଥମେ ଘଟିଥିଲା। ଯଦି ବ୍ୟାଟ୍ସମ୍ୟାନ୍ ଆଉଟ୍ ହୁଅନ୍ତି, ତେବେ ବଲ୍ ସେଠାରେ ଡେଡ୍ ହୋଇଯିବ।

### ଯଦି ବ୍ୟାଟରଙ୍କ ବିରୋଧରେ ଦୁଇଟି ଅପିଲ୍ ହୁଏ

ଆଇସିସି ଅମ୍ପାୟର ଓ ଖେଳାଳିଙ୍କ ରିଭ୍ୟୁ ପ୍ରକ୍ରିୟାରେ ବଡ ପରିବର୍ତ୍ତନ କରିଛି। ଏହା ପୂର୍ବ ଟିଭି ଅମ୍ପାୟର ପ୍ରଥମେ ଅମ୍ପାୟର ଓ ପୁଣି ଖେଳାଳିଙ୍କ ରିଭ୍ୟୁ ଉପରେ ବିଚାର କରୁଥିଲେ। ମାତ୍ର ନୂଆ ନିୟମ ଅନୁସାରେ ଯଦି ବ୍ୟାଟର ପ୍ରଥମ ଘଟଣାରେ ଆଉଟ୍ ହୁଅନ୍ତି ତେବେ ବଲ୍ ଡେଡ୍ ହୋଇଯିବ। ଆଉ ଦ୍ୱିତୀୟ ରିଭ୍ୟୁର ଆବଶ୍ୟକତା ପଡିବ ନାହିଁ। ଉଦାହରଣ ସ୍ୱରୂପ ଯଦି ଏଲବିଡବ୍ଲ୍ୟୁ ଓ ରନ ଆଉଟ୍ ପାଇଁ ଅପିଲ୍ କରାଯାଏ ତେବେ ଟିଭି ଅମ୍ପାୟର ପ୍ରଥମେ ଏଲବିଡବ୍ଲ୍ୟୁର ଯାଞ୍ଚ କରିବେ, କାରଣ ପ୍ରଥମେ ବଲ୍ ପ୍ୟାଡରେ ବାଜିଛି। ଯଦି ବ୍ୟାଟର ଆଉଟ୍ ତେବେ ବଲ୍ ସେଠାରେ ଡେଡ୍ ହୋଇଯିବ।

### କ୍ୟାଚ୍ ଉପରେ ମଧ୍ୟ ବଡ଼ ନିୟମ ପରିବର୍ତ୍ତନ

ଆଇସିସି କ୍ୟାଚ୍ ସମ୍ପର୍କରେ ଏକ ବଡ଼ ନିୟମ ମଧ୍ୟ ପରିବର୍ତ୍ତନ କରିଛି। ପୂର୍ବ ନିୟମ ଅନୁସାରେ ଯଦି କୌଣସି ଖେଳାଳି କ୍ୟାଚ୍ ଧରୁଛନ୍ତି। ଏହା ପରେ ଥାର୍ଡ ଅମ୍ପାୟର ଏହା ନୋ ବଲ୍ ବୋଲି ଜଣାଇବା ପରେ କ୍ୟାଚ୍ ଠିକରେ ନିଆଯାଇଛି କି ନାହିଁ ତାର ଯାଞ୍ଚ ହେଉ ନ ଥିଲା। କିନ୍ତୁ ଏବେ ଟିଭି ଅମ୍ପାୟର ନୋ ବଲ୍ ପରେ ବି ଏହା ଦେଖିବ ଯେ, କ୍ୟାଚ୍ ଠିକରେ ଧରା ଯାଇଛି କି ନାହିଁ। ଯଦିଓ କ୍ୟାଚ୍ ଠିକରେ ଧରା ଯାଇଛି। ତେବେ ନୋ ହିସାବରେ ବ୍ୟାଟର ନଟଆଉଟ୍ ରହିବେ ଏବଂ ନୋ ବଲ୍ କାରଣରୁ କେବଳ ଗୋଟିଏ ରନ ମିଳିବ। ଯଦି କ୍ୟାଚ୍ ଠିକରେ ଧରା ଯାଇ ନ ଥିବ ତେବେ ବ୍ୟାଟର ସେହି ସମୟରେ ଯେତେ ରନ ଦୌଡିଥିବେ ତାହା ସବୁ ମିଳିବ।

### ଏହି ଦୁଇଟି ବଡ଼ ପରିବର୍ତ୍ତନ ମଧ୍ୟ କରିଛି ଆଇସିସି

ଆଇସିସି ଏକଦିବସୀୟ କ୍ରିକେଟ୍ ?ରେ ୩୫ତମ ଓଭର ପରେ ଗୋଟିଏ ନୂତନ ବଲ୍ ? ବ୍ୟବହାର କରିବାକୁ ଅନୁମତି ଦେଇଛି। ଏହା ଏବେ ଡେଥ୍ ଓଭରରେ ଦ୍ରୁତ ବୋଲରମାନଙ୍କୁ ସାହାଯ୍ୟ କରିବ। ଏହା ବ୍ୟତୀତ, ଆଇସିସି ବାଉଣ୍ଡରୀରେ କ୍ୟାଚ୍ ନିୟମରେ ମଧ୍ୟ ପରିବର୍ତ୍ତନ କରିଛି। ଯଦି କୌଣସି ଖେଳାଳି ବାଉଣ୍ଡରୀ ଟଚ୍ କରିବା ସମୟରେ ବଲ୍ ଧରୁଛନ୍ତି, ତେବେ ଏହାକୁ ବେଆଇନ୍ ବିବେଚନା କରାଯିବ। ଫିଲ୍ଡରମାନେ ବାଉଣ୍ଡରୀ କେବଳ ଥରେ ବଲ୍‌କୁ ବାଉନ୍ସ କରି ବଲ୍‌କୁ ଧରିପାରିବେ।

# ବାହା ହେବେ କାବ୍ୟା ମାରନ ?

ମୁମ୍ବାଇ,୨୬୫।୬: ସନରାଇଜର୍ସ ହାଇଦ୍ରାବାଦର ମାଲିକାଣୀ କାବ୍ୟା ମାରନଙ୍କ ବିଷୟରେ ଏକ ଖବର ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଦାବି କରାଯାଉଛି ଯେ କାବ୍ୟା ଖୁବ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ତାଙ୍କ ଭବିଷ୍ୟତ ସ୍ୱାମୀ ହେଉଛନ୍ତି ଅନିରୁଦ୍ଧ ରବିଚନ୍ଦର, ଯିଏ ଜଣେ ପ୍ରସିଦ୍ଧ ସଂଗୀତଜ୍ଞ। ଏବେ ପ୍ରତିକ୍ରିୟା ଆଉ କେହି ନୁହେଁ ବରଂ ନିଜେ ଅନିରୁଦ୍ଧଙ୍କ ଠାରୁ ଆସିଛି। ସେ ସମସ୍ତଙ୍କୁ ସତ୍ୟ କହିଛନ୍ତି।କାବ୍ୟା ମାରାନ ହେଉଛନ୍ତି ସନରାଇଜର୍ସ ହାଇଦ୍ରାବାଦର ମାଲିକଙ୍କ ଝିଅ, ଯିଏ ଆଇପିଏଲ ନିଲାମଠାରୁ ଆରମ୍ଭ କରି ଆଇପିଏଲ ପର୍ଯ୍ୟନ୍ତ ଦଳର ପ୍ରତ୍ୟେକ ମ୍ୟାଚ୍‌ରେ ଦେଖାଯାଆନ୍ତି।

ଏହି ଖବର ଉପରେ ସଂଗୀତଜ୍ଞ ଅନିରୁଦ୍ଧ ରବିଚନ୍ଦର ନିଜର ନୀରବତା ଭାଙ୍ଗି ଏହାକୁ କେବଳ ଏକ ଗୁଜବ ବୋଲି କହିଛନ୍ତି। ସେ ଲେଖିଛନ୍ତି, 'ବିବାହ ଆହା ? ହାହାଙ୍ଗ ଶାନ୍ତ ହୁଅ। ଏବଂ ଦୟାକରି ଏହି ଗୁଜବ ପ୍ରଚାର କରିବା ବନ୍ଦ କର।'ବିବାହ ଆହା ? ହାହା.. ବନ୍ଧୁମାନେ ଶାନ୍ତ ହୁଅ ଦୟାକରି ଗୁଜବ ପ୍ରସାର କରିବା ବନ୍ଦ କର।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ